**ଜିଲାର ୧୧ ସ୍ଥାନରେ ନିଆଁ**

ସମ୍ବଲପୁର,(ବ୍ୟୁରୋ): ସମ୍ବଲପୁର ବନଖଣ୍ଡ ଅଧୀନ ବିଭିନ୍ନ ରେଞ୍ଜର ୧୧ ସ୍ଥାନରେ ନିଆଁ ଲାଗିଥିବା ବନ ବିଭାଗ ସୂଚନା ଦେଇଛି। ନିଆଁ ଲିଭାରେ ୩୧ ସ୍କ୍ୱାଡ୍ ନିୟୋଜିତ ରହିଛନ୍ତି। ୩.୬ ହେକ୍ଟର ଜମି ପ୍ରଭାବିତ ହୋଇଛି। ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ସହ ଡାକବାଜି ଯନ୍ତ୍ର, ଲିଫ୍‌ଲେଟ ବଣ୍ଟନ କରାଯାଇଥିଲା। ସନ୍ଧ୍ୟାରେ ମାନେଶ୍ୱର ବ୍ଲକ ଭାକମପୁର ଗ୍ରାମ ନିକଟ ଜଙ୍ଗଲରେ ନିଆଁ ଲାଗିଥିବା ଖବର ପାଇ ପଞ୍ଚାୟତ କର୍ମଚାରୀ ଜିଆର୍‌ଏସ୍ ରାଜେଶ ବେହେରା, ସରପଞ୍ଚ ଓ ସ୍ଥାନୀୟ ଲୋକେ ଏହାକୁ ଆୟତ୍ତ କରିଥିଲେ। ନିଆଁ ଆୟତ୍ତ ହେବା ସମ୍ପର୍କରେ ବିଡିଓ ନୀଳାମ୍ବର ମହାନନ୍ଦ ସୂଚନା ଦେଇଛନ୍ତି।

## ଆଜି କ'ଣ କେଉଁଠି

ସମ୍ବଲପୁର
- ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ ଓ ଧେନୁ ପୂଜା, ବୁର୍ଲା ଜଗନ୍ନାଥ ମନ୍ଦିର ପରିସର, ସକାଳ ୮ଟା ।

## ସଂକ୍ଷେପରେ

### ଅମିତ ଧଳ ମେମୋରିଆଲ କ୍ରିକେଟ ଉଦ୍‌ଘାଟିତ

**ବ୍ରଜରାଜନଗର, ୧୬।୩ (ଡି.ଏନ.ଏ.):** ସ୍ଥାନୀୟ ମାମା ଛକ କ୍ରିକେଟ ପଡିଆରେ ପ୍ରଥମ ଅମିତ ଧଳ ରାତ୍ରିକାଳୀନ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ସମାରୋହରେ ମୁଖ୍ୟଅତିଥି ବରିଷ୍ଠ ଆଇନଜୀବୀ ବିଶ୍ୱନାଥ ନାଏକ, କୋଲ ମର୍ଭର୍ସ ଆସୋସିଏଶନ ସଭାପତି ଅଜିତ ଧଳ, ମିଥିଲେଶ ଯାଦବ ପ୍ରମୁଖ ମଞ୍ଚାସୀନ ଥିଲେ। ଅମିତଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଉଦ୍‌ଘାଟନୀ ମ୍ୟାଚ ରୟାଲ ଗ୍ରୀନ ଓ ସୁପର ୯ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତା ୫ ଦିନ ଧରି ଚାଲିବ ଓ ଜିଲାର ବିଭିନ୍ନ ପ୍ରାନ୍ତରୁ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିବେ ବୋଲି ଆୟୋଜକ କର୍ମକର୍ତ୍ତା ଦେବେଶ ପଣ୍ଡା ସୂଚନା ଦେଇଛନ୍ତି।

### ପଙ୍ଗା ଦିଅ ଭୋଟ ନିଅ କାର୍ଯ୍ୟକ୍ରମ

**ସମ୍ବଲପୁର, ୧୬।୩ (ବ୍ୟୁରୋ):** ପଙ୍ଗା ଦିଅ ଭୋଟ ନିଅ, ପଙ୍ଗା ନାହିଁ ତ ଭୋଟ ନାହିଁ କାର୍ଯ୍ୟକ୍ରମ ମଙ୍ଗଳବାର ସନ୍ଧ୍ୟାରେ ସୋସିଆଲ ଷ୍ଟାର କ୍ଲବ ସଭା କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଆଦିବାସୀ ଦଳିତ ସେନା ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ପ୍ରଶାନ୍ତ ହାଓ ଅଧକ୍ଷତା କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ଆଦିବାସୀ ଦଳିତ ସେନା ନେତା ଓ କର୍ମୀମାନେ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। କୌଣସି ନିର୍ବାଚନ ହେଲେ ଜନସାଧାରଣ ରାଜନୈତିକ ଦଳଗୁଡିକୁ ପଙ୍ଗା ଦିଅ ଭୋଟ ନିଅ ଦାବି କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦଳିତ ସେନା ସାଧାରଣ ସମ୍ପାଦକ ଶ୍ୟାମସୁନ୍ଦର ମୁଣ୍ଡା, କାର୍ଯ୍ୟକାରୀ ସଭାପତି ଥୋମାସ ମିଞ୍ଜ, ଚନ୍ଦ୍ରକାନ୍ତି ନାୟକ, କପିଳେଶ୍ୱର ବେସନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ଗଞ୍ଜେଇ ଜବତ, ୨ ଗିରଫ

**ସମ୍ବଲପୁର, ୧୬।୩(ବ୍ୟୁରୋ):** ରେଙ୍ଗାଲି ଥାନା ନୂଆ ରମ୍ଭେଲା ନିକଟରେ ପୋଲିସ ନାକାରେ ସୋମବାର ରାତିରେ ଏକ ଗଞ୍ଜେଇ ଭର୍ତ୍ତି କାର ଧରାପଡିଛି। କାର ଭିତରୁ ୪୨ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୁବର୍ଣ୍ଣପୁର ଜିଲା ତରଭା ଥାନା ପଣକିମାଲ ଗ୍ରାମର ରୁଦ୍ର ପ୍ରତାପ ସାହୁ ଓ ଗଜେନ୍ଦ୍ର ପ୍ରଧାନ। ଜେଏଚ୍‌୦୧-ଭି-୧୨୨୩ନଂ. ବିଶିଷ୍ଟ କାର ଜବତ ହୋଇଛି। ଏ ନେଇ ଥାନାରେ ୪୭/୨୧ରେ ମାମଲା ରୁଜୁ ହୋଇଛି। ରେଙ୍ଗାଲି ଥାନା ଅଧିକାରୀ ଧବଳେଶ୍ୱର ସାହୁ କହିଛନ୍ତି, ସୁବର୍ଣ୍ଣପୁର ଜିଲାରୁ ଝାରସୁଗୁଡାକୁ ଗଞ୍ଜେଇ ଯାଉଥିବାବେଳେ ପୋଲିସ ଯାଞ୍ଚ କରି ଜବତ କରିଛି। ଗିରଫ ଅଭିଯୁକ୍ତମାନଙ୍କ ବୟାନ ରେକର୍ଡ କରାଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କୁ ମଧ ଗିରଫ କରାଯିବ।

### ବିଧାୟକଙ୍କ ଆତ୍ମହତ୍ୟା ଉଦ୍ୟମକୁ ବିଜେଡିର ନିନ୍ଦା

**ଦେବଗଡ଼, ୧୬।୩(ଡ଼ି.ଏନ୍.ଏ.):** ଓଡିଶା ବିଧାନ ସଭାରେ ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀଙ୍କ ଆତ୍ମହତ୍ୟା ଉଦ୍ୟମ ଏକ ପ୍ରାୟୋଜିତ ନାଟକ ଓ ଏହା ଭାଜପାର ଏକ ଷଡଯନ୍ତ୍ର ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଆତ୍ମହତ୍ୟା ଉଦ୍ୟମ ନାଟକ କରି ବିଧାୟକ ବିଧାନସଭା ଗୃହର ଗାରିମା କ୍ଷୁର୍ଣ୍ଣ କରିଥିବାରୁ ସେ ଜିଲା ତଥା ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ ବୋଲି ମଙ୍ଗଳବାର ସ୍ଥାନୀୟ ବିଜେଡି ଜିଲା କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦଳ ଦାବି କରିଛି। ବିଜେଡି ଜିଲା ସଭାପତି ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅଧକ୍ଷତାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡିର ଦେବଗଡ ଜିଲା ପର୍ଯ୍ୟବେକ୍ଷକ ଇଂ.ନଳିନୀକାନ୍ତ ପ୍ରଧାନ, ବିଜେଡି ରାଜ୍ୟ ପ୍ରବକ୍ତା ସଞ୍ଜୟ କୁମାର ବାବୁ ଓ ବିଜେଡି ରାଜ୍ୟ ସମ୍ପାଦକ ଶୈଳେଶ ଦାନୀ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଜେଡି ନେତା ଓ କର୍ମୀମାନେ ଏକ ବାଇକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଶ୍ରମିକଙ୍କ ୧.୭୨ କୋଟି ଟଙ୍କା ମିଳିନି

**କୁଚିଣ୍ଡା ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ପ୍ରହସନ**

**କୁଚିଣ୍ଡା, ୧୬।୩ (ଡି.ଏନ.ଏ.)**

ଦିନ ମଜୁରିଆ ଗରିବ ଲୋକଙ୍କୁ କାମ ଯୋଗାଇବା ମହତ୍ ଉଦ୍ଦେଶ୍ୟ ନେଇ ଆରମ୍ଭ ହୋଇଥିଲା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)। ହେଲେ କେନ୍ଦ୍ର ସରକାର ଠିକ୍ ସମୟରେ ଟଙ୍କା ପ୍ରଦାନ କରୁ ନ ଥିବାରୁ କୁଚିଣ୍ଡା ବ୍ଲକରେ ଏହି ଯୋଜନା ପ୍ରହସନରେ ପରିଣତ ହୋଇଛି ବୋଲି ଏଠାରେ ଆଲୋଚନା ହେଉଛି। ମିଳିଥିବା ସୂଚନା ଅନୁଯାୟୀ ବ୍ଲକରେ ୮୪୫ଟି ପ୍ରକଳ୍ପରେ ଶ୍ରମିକଙ୍କ ୧ କୋଟି ୭୨ ଲକ୍ଷ ଟଙ୍କା ମଜୁରି ବକେୟା ରହିଛି।

କୁଚିଣ୍ଡା ବ୍ଲକକୁ ଗତ ପ୍ରାୟ ଅଢ଼େଇ ମାସ ହେବ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଟଙ୍କାଟିଏ ମଧ ଆସିନାହିଁ। ଫଳରେ ଏହି ଯୋଜନାରେ କାମ କରିଥିବା ଶହ ଶହ ଗରିବ ଶ୍ରମିକ ମଜୁରି ନ ପାଇ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ମଜୁରି ପାଉ ନ ଥିବାରୁ ସେମାନେ କାମ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳରେ ଏହି ଯୋଜନାରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ସୂଚନା ଅନୁସାରେ ବର୍ତ୍ତମାନ ଏହି ଯୋଜନାରେ କୁଚିଣ୍ଡା ବ୍ଲକର ୧୭ ଗୋଟି ଗ୍ରାମ ପଞ୍ଚାୟତରେ ୮୪୫ଟି ପ୍ରକଳ୍ପରେ କାମ ଚାଲୁଛି। ଏହାବ୍ୟତୀତ ଲାଇନ୍ ଡିପାର୍ଟମେଣ୍ଟରେ ମଧ ୫୦ରୁ ଅଧିକ ପ୍ରକଳ୍ପ କାମ ଚାଲୁଛି। ମାତ୍ର ଠିକ୍ ସମୟରେ କେନ୍ଦ୍ର ସରକାର ଟଙ୍କା ପ୍ରଦାନ ନ କରିବାରୁ ବର୍ତ୍ତମାନ ଅଧିକାଂଶ କାମ ଅଧାରୁ ବନ୍ଦ ହୋଇପଡି ରହିଛି। କୁଚିଣ୍ଡା ବ୍ଲକକୁ ଏହି ଯୋଜନାରେ ଶେଷଥର ପାଇଁ ଗତ ଜାନୁୟାରୀ ୩ ତାରିଖରେ ଟଙ୍କା ଆସିଥିଲା। ଏହାପରେ ଅଢ଼େଇ ମାସ ବିତିଯାଇଥିଲେ ମଧ ଆଉ ଟଙ୍କା ଆସିନାହିଁ। ଫଳରେ ଏହି ଯୋଜନାରେ କାମ କରିଥିବା ଶ୍ରମିକମାନଙ୍କର ପ୍ରାୟ ୧ କୋଟି ୭୨ ଲକ୍ଷ ଟଙ୍କା ମଜୁରି ବାବଦରେ ବାକି ରହିଛି। ଏହା ସହିତ ଅନ୍ୟ ଲାଇନ୍ ବିଭାଗ କାମର ମଜୁରି ହିସାବକୁ ନେଲେ ଏହା ୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେବ। ବ୍ଲକରେ ଏହି ଯୋଜନା କିପରି କାର୍ଯ୍ୟକାରୀ ହେଉଛି ତାହା ଏଥିରୁ ସ୍ପଷ୍ଟ ଭାବେ ଜଣାପଡୁଛି। ଏ ସମ୍ପର୍କରେ କୁଚିଣ୍ଡା ବିଡିଓ ନିଶି ପୁନମ୍ ମିଞ୍ଜଙ୍କୁ ପଚାରିବାରୁ ସେ କହିଥିଲେ, କେନ୍ଦ୍ର ସରକାରଙ୍କଠାରୁ ୨ ମାସ ହେବ ଶ୍ରମିକଙ୍କ ପାଉଣା ଆସିନାହିଁ। ସେଥିଯୋଗୁ ଆମେ ପେମେଣ୍ଟ କରିପାରି ନାହୁଁ। ସେଠାରୁ ମିଳିବା ପରେ ତୁରନ୍ତ ଆମେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବୁ।

# ପୋଲିସ ହାଇସ୍କୁଲକୁ ପୋଷ୍ୟ ନେବ ପୁରାତନ ଛାତ୍ରସଂଘ


ପୋଲିସ ହାଇସ୍କୁଲର ପୁରାତନ ଛାତ୍ରୀଛାତ୍ର ।

**ସମ୍ବଲପୁର, ୧୬।୩(ବ୍ୟୁରୋ)**

ସମ୍ବଲପୁର ପୋଲିସ ହାଇସ୍କୁଲକୁ ପୋଷ୍ୟ ଭାବେ ଗ୍ରହଣ କରିବାକୁ ପୁରାତନ ଛାତ୍ର ସଂଘ ଏକ ବୈଠକରେ ନିଷ୍ପତ୍ତି ନେଇଛି। ଖୁବ୍‌ଶୀଘ୍ର ଏ ନେଇ ସଂଘ କର୍ମକର୍ତ୍ତା ଶିକ୍ଷା ବିଭାଗ ସହିତ ଆଲୋଚନା କରିବେ ବୋଲି ସ୍ଥିର ହୋଇଛି। ଶହେବର୍ଷର ପୁରୁଣା ଏହି ହାଇସ୍କୁଲରେ ବିଭିନ୍ନ ସମସ୍ୟା ଲାଗିରହିଛି। ଶିକ୍ଷକ ଓ କର୍ମଚାରୀଙ୍କ ଅଭାବ ରହିଛି। କ୍ରୀଡା, କଳା ତଥା ବିଭିନ୍ନ କ୍ଷେତ୍ରରେ ପ୍ରତିଭା ରହିଥିଲେ ମଧ ସୁଯୋଗ ମିଳିପାରୁନାହିଁ। ସ୍କୁଲ ସମ୍ପୂର୍ଣ୍ଣ ସରକାରୀ ହୋଇ ନାହିଁ। ଏହି ସମସ୍ୟା ସମାଧାନ କରାଯିବାକୁ ସଂଘ ନିଷ୍ପତ୍ତି ନେଇଛି। ବୈଠକରେ କାର୍ଯ୍ୟକାରୀ ପ୍ରଧାନ ଶିକ୍ଷକ ଯଶୋବନ୍ତ ସାହୁ, ସିଆରସିସି ଅସୀମ ପ୍ରଧାନ, ପୁରାତନ ଛାତ୍ର ପ୍ରଫୁଲ୍ଲ କୁମାର ଦାସ, ଜୟବ୍ରତ ଦେ, ରଞ୍ଜନ ସାହୁ, ଶୈଳେଶ ଚନ୍ଦ୍ର ଶତପଥି, ଶଶାଙ୍କ ଶେଖର ଦୁବେ, ଅଶୋକ ଦେବ ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବଲପୁରୀ ନାଟକ ଦ୍ୱାରା ଭାଷାକୁ ସ୍ୱୀକୃତି ମିଳିଛି

**ସମ୍ବଲପୁର, ୧୬।୩ (ବ୍ୟୁରୋ)**


ଆଲୋଚନାଚକ୍ରରେ ଡ. ଶ୍ୟାମସୁନ୍ଦର ଧର ବକ୍ତବ୍ୟ ରଖୁଛନ୍ତି ।

କାଳ୍ପନିକ ଓ ଐତିହାସିକ କଥାବସ୍ତୁକୁ ଛାଡି ସମାଜରେ ଘଟୁଥିବା ସତ୍ୟ ଘଟଣା ଉପରେ ସମ୍ବଲପୁରୀ ନାଟକ ରଚନା ହେଉଛି। ନାଟ୍ୟକାରମାନେ ପଶ୍ଚିମଓଡ଼ିଶାର ଜୀବନଜୀବିକା, ପରମ୍ପରା, ସଂସ୍କୃତି, ଐତିହ୍ୟକୁ ନେଇ ନାଟକ ଲେଖୁଛନ୍ତି। ସମ୍ବଲପୁରୀ ନାଟକ ପଶ୍ଚିମଓଡିଶା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳ ଓ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ସଫଳତା ହାସଲ କରିଛି। ପ୍ରକୃତପକ୍ଷେ ସମ୍ବଲପୁରୀ ନାଟକ ରଚନା ଓ ମଞ୍ଚସ୍ଥ ଦ୍ୱାରା ଭାଷାକୁ ସ୍ୱୀକୃତି ମିଳିଛି। ମଙ୍ଗଳବାର ସମ୍ବଲପୁର ଝାଡୁଆପଡା ବଡଦୁଆରଠାରେ ଆୟୋଜିତ ସମ୍ବଲପୁରୀ ନାଟକର ଆଦ୍ୟ ଅଧୁନା ଆଉ ଭବିଷ୍ୟତ ଶୀର୍ଷକ ଆଲୋଚନାଚକ୍ରରେ ବକ୍ତାମାନେ ଏହା କହିଛନ୍ତି। ଡ. ଶ୍ୟାମସୁନ୍ଦର ଧରଙ୍କ ସଂଯୋଜନାରେ ନାଟ୍ୟଶ୍ରୀ ସତ୍ୟରଞ୍ଜନ ବେହେରା, ଡ. ମୋହନ ସାହୁ, ନାଟ୍ୟକାର ଅଶୋକ ବହିଦାର, ନାଟ୍ୟ ନିର୍ଦ୍ଦେଶକ କେଶରଞ୍ଜନ ପ୍ରଧାନ ଆଲୋଚକ ଭାବେ ଯୋଗଦେଇଥିଲେ। ଆୟୋଜକ ଅଦୃଶ୍ୟ ନାଟ୍ୟ ଆଶ୍ରମ ନିର୍ଦ୍ଦେଶକ ଅତିଶ କୁମାର ଶତପଥି ସୂଚନା ଦେଉଥିବାବେଳେ ସୁବଳ ବାଗ, ପ୍ଲାବନ ମିଶ୍ର, ଦଧିବାମନ ପଣ୍ଡା, ବଳରାମ ହୋତା ସହଯୋଗ କରିଥିଲେ। ପଶ୍ଚିମ ଓଡିଶାର ବିଭିନ୍ନ ଅଞ୍ଚଳରୁ ନାଟ୍ୟକାର, ଗବେଷକ, ମଞ୍ଚ ଅଭିନେତା, ନିର୍ଦ୍ଦେଶକ, ସଂଗୀତଜ୍ଞ ଓ କଳାକାରମାନେ ଯୋଗଦେଇଥିଲେ।

# ଜିଏମ୍‌ୟୁରେ ମୋ କଲେଜ ଅଭିଯାନ

**ସମ୍ବଲପୁର, ୧୬।୩ (ବ୍ୟୁରୋ)**

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମୟୁ)ରେ ମୋ କଲେଜ ଅଭିଯାନ ଯୋଡି ହୋଇଛି। ଏହାକୁ ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଯୋଡିବା ଲାଗି ଆଲୁମ୍ନି କନେକ୍ଟ ୱେବ୍ ପୋର୍ଟାଲ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ୧୯୪୪– ୪୬ ବ୍ୟାଚର ଛାତ୍ର ତଥା ପୂର୍ବତନ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଚିଫ୍ କେମେଷ୍ଟ ଡ. ଭାବଗ୍ରାହୀ ମହାପାତ୍ର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। କଲେଜର ପୂର୍ବତନ ଛାତ୍ର ୯୭ ବର୍ଷୀୟ ଡ. ଦୁର୍ଗାପ୍ରସାଦ ନାୟକ ସର୍ବପ୍ରଥମେ ୱେବ୍ ପୋର୍ଟାଲରେ ନାମ ପଞ୍ଜୀକରଣ କରିଥିଲେ। ଜିଏମୟୁ କୁଳପତି ପ୍ରଫେସର ଏମ୍ ନାଗାରାଜୁ, କୁଳସଚିବ ଗିରିଶ ଚନ୍ଦ୍ର ସିଂ, ପରୀକ୍ଷା ନିୟନ୍ତ୍ରକ ଡ. ହେମ କୁମାର ନାୟକ, ଉପକୁଳସଚିବ ଡ. ଉମା ଚରଣ ପତି ନଭସଞ୍ଚାର ଜରିଆରେ ଉନ୍ମୋଚନ ଉତ୍ସବରେ ସାମିଲ ହୋଇଥିଲେ ।

# କ୍ରିକେଟ: ଜଗନ୍ନାଥ କଲୋନୀ ଚାମ୍ପିୟନ



ଅତିଥିଙ୍କଠାରୁ ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି ।

**ସମ୍ବଲପୁର, ୧୬।୩ (ବ୍ୟୁରୋ)**

ନବମ ଦୀନବନ୍ଧୁ ଗୋସ୍ୱାମୀ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ମଙ୍ଗଳବାର ହାୱା ମଇଦାନଠାରେ ଉଦ୍‌ଯାପିତ ହୋଇଯାଇଛି। ଜଗନ୍ନାଥ କଲୋନୀ କ୍ରିକେଟ କ୍ଲବ ଚାମ୍ପିୟନ ଓ ଶାସନ ଅଜିତପୁର କ୍ଲବ ରନର୍ସଅପ୍ ଟ୍ରଫି ହାସଲ କରିଛି। ଟସ୍ ଜିଣି ପ୍ରଥମେ ଜଗନ୍ନାଥ କଲୋନୀ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୮୬ ରନ ସଂଗ୍ରହ କରିଥିଲା। ଜବାବରେ ଅଜିତପୁର ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୩୬ ରନ କରି ପରାଜୟ ବରଣ କରିଥିଲା। ଆୟୋଜକ ସ୍ପୋର୍ଟିଂ ୟୁନିୟନ କ୍ଲବ ସଭାପତି ବିକାଶ ମିଶ୍ରଙ୍କ ପରିଚାଳନାରେ ପୁରସ୍କାର ବିତରଣୀ ଉତ୍ସବ ହୋଇଥିଲା। ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, କାଉନସିଲ ସଭ୍ୟ ସୁନୀଲ ସାହୁ, ମନୋଜ ପଣ୍ଡା, ସ୍ମୃତିରଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନୁପ ପ୍ରଧାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ, ପ୍ରଶାନ୍ତ ଦାଶ ମ୍ୟାନ ଅଫ୍ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ମିଥିଲେଶ ପ୍ରସାଦ ଓ ସଞ୍ଜୟ ନାୟକ ମ୍ୟାଚ ପରିଚାଳନା କରିଥିଲେ।

# ମହାବିଦ୍ୟାଳୟ ଉନ୍ନୟନମୂଳକ କାର୍ଯ୍ୟ ନେଇ ଆଲୋଚନା

**ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ କମିଟି ବୈଠକ**

**ଦେବଗଡ଼, ୧୬।୩ (ଡି.ଏନ.ଏ.)**

ଦେବଗଡ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ମହାବିଦ୍ୟାଳୟ ପୁରାତନ ଛାତ୍ର ସଂସଦର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଯାଇଛି। ପୁରାତନ ଛାତ୍ର ସଂସଦ କାର୍ଯ୍ୟକାରୀ ସଭାପତି ଉମାଶଙ୍କର ସାହୁଙ୍କ ସଭାପତିତ୍ୱରେ ସମ୍ପାଦକ ସିଦ୍ଧାର୍ଥ ଗୁରୁ, ଉପସଭାପତି ଶଶାଙ୍କ ଶେଖର ଝାଙ୍କର, ସହ ସମ୍ପାଦକ ପ୍ରିତି ପରିମିତା ବେହେରା, ଯୁଗ୍ମ ସମ୍ପାଦକ ଆଲୋକ କୁମାର ଅମାନ୍ତ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ସୁଧୀର କୁମାର କପରଦାର ପ୍ରମୁଖ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟ ବିଭିନ୍ନ ସମସ୍ୟାର ସମାଧାନ, ସୁବର୍ଣ୍ଣ ଜୟନ୍ତୀ ସ୍ମାରକୀ ଫାଟକ ନିର୍ମାଣ ଓ ଅଡିଟୋରିୟମ ନିର୍ମାଣ ଅଗ୍ରଗତି ସମେତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଅତିଥି ଭାବେ ଦେବଗଡ ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ଡ. ସୁଦାମ ଚରଣ ପରିଡା ଓ 'ମୋ କଲେଜ' ଅଭିଯାନର ସଂଯୋଜିକା ସସ୍ମିତା ପ୍ରଧାନ ଯୋଗଦେଇ 'ମୋ କଲେଜ' ଅଭିଯାନର ଉଦ୍ଦେଶ୍ୟ ଏବଂ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅଭିଯାନ ନମନ୍ତେ ପୁରାତନ ଛାତ୍ର ସଂସଦର ୩ଜଣ ସଦସ୍ୟାସଦସ୍ୟ/କର୍ମକର୍ତ୍ତାଙ୍କୁ ମନୋନୀତ କରିବାକୁ ଅନୁରୋଧ କରିଥିଲେ। ଏହାପରେ ପୁରାତନ ଛାତ୍ର ସଂସଦ ସମ୍ପାଦକ ସିଦ୍ଧାର୍ଥ ଗୁରୁ, ଉପସଭାପତି ଶଶାଙ୍କ ଶେଖର ଝାଙ୍କର ଓ କାର୍ଯ୍ୟକାରୀ କମିଟି ସଦସ୍ୟ ସୁଧୀର କପରଦାରଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଅନୁରୂପ ଭାବେ ପୁରାତନ ଛାତ୍ର ସଂସଦ ସଭାପତି ଜଗମୋହନ ମିଶ୍ରଙ୍କ ଦେହାନ୍ତ ପରେ ସଭାପତି ପଦବୀ ଖାଲି ରହିଥିବାରୁ କାର୍ଯ୍ୟକାରୀ ସଭାପତି ଉମାଶଙ୍କର ସାହୁଙ୍କୁ ସର୍ବସମ୍ମତିକ୍ରମେ ପୁରାତନ ଛାତ୍ର ସଂସଦ ସଭାପତି ମନୋନୀତ କରାଯାଇଥିଲା। ବୈଠକରେ କୋଷାଧକ୍ଷ ନିରନ ଦ୍ୱିବେଦୀ, କାର୍ଯ୍ୟକାରୀ କମିଟି ସଦସ୍ୟ ସୁଶୀଳ କୁମାର କପରଦାର, ନେତ୍ରାନନ୍ଦ ମହାକୁଳ, ଦିଲୀପ କୁମାର ଗୁରୁ, ରାକେଶ କୁମାର ବେହେରା ଓ ପ୍ରଭାତ କୁମାର ପ୍ରଧାନଙ୍କ ସମେତ ବହୁ ସଦସ୍ୟ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଠକ ପରେ ପୁରାତନ ଛାତ୍ର ସଂସଦ ସଭାପତି ଉମାଶଙ୍କର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ଅତିରିକ୍ତ ଜିଲାପାଳ ଧରମ ହାଁସଦା ଓ ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କୁ ସାକ୍ଷାତ କରି ମହାବିଦ୍ୟଳୟର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

# ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଝାରସୁଗୁଡ଼ା ଅଫିସ୍, ୧୬।୩**

ଝାରସୁଗୁଡ଼ାରେ ପଶ୍ଚିମ ଓଡିଶା ବିକାଶ ପରିଷଦର ଜିଲା କାର୍ଯ୍ୟାଳୟ ଖୋଲିଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଖୋଲିଥିବା ନୂତନ କାର୍ଯ୍ୟାଳୟକୁ ଜିଲାପାଳ ସରୋଜ କୁମାର ସାମଲ ମଙ୍ଗଳବାର ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଲିଲି କୁମାରୀ କୁଲୁ, ପ୍ରକଳ୍ପ ନିର୍ଦ୍ଦେଶକ (ପୁନର୍ବାସ ଓ ଥଇଥାନ)ଆଲୋମଣି ସେଠୀ, ଡେପୁଟି କଲେକ୍ଟର ନିବେଦିତା ପ୍ରଧାନ, ଉପନିର୍ଦ୍ଦେଶକ (ଯୋଜନା) ଶରତ ଚନ୍ଦ୍ର ନାୟକ ଓ ଡିଆଇପିଆର୍‌ଓ ଅଜୟ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପଶ୍ଚିମ ଓଡିଶା ବିକାଶ ପରିଷଦ ତରଫରୁ ଜିଲାରେ ଯେଉଁସବୁ ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି ଏହି କାର୍ଯ୍ୟାଳୟ ଏହାର ତ୍ୱରାନ୍ୱିତ କରିବ ବୋଲି ଜିଲାପାଳ କହିଛନ୍ତି।

# ଯୁଯୁମୁରା ପଞ୍ଚାୟତ ସମିତି ବୈଠକ

**ସମ୍ବଲପୁର, ୧୬।୩(ବ୍ୟୁରୋ)**

ଜନସାଧାରଣ ଭୋଟ ଦେଇ ନିର୍ବାଚିତ କରିଛନ୍ତି। ସେମାନଙ୍କ ସମସ୍ୟା ପାଇଁ ପାଖକୁ ଆସୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କୁ ଫୋନ କଲେ ଉଠାଉନାହାନ୍ତି। ଫଳରେ ଲୋକଙ୍କ ସମସ୍ୟା ସମାଧାନ ହୋଇ ପାରୁନାହିଁ। ଏହାକୁ ନେଇ ସମାଲୋଚନାର ଶିକାର ହେବାକୁ ପଡୁଛି ବୋଲି ଯୁଯୁମୁରା ପଞ୍ଚାୟତ ସମିତି ବୈଠକରେ ଜନ ପ୍ରତିନିଧିମାନେ ଅଭିଯୋଗ କରି ହୋହଲ୍ଲା କରିଥିଲେ। ବ୍ଲକ ଅଧକ୍ଷା ସନ୍ତୋଷିନୀ ନାଏକ ଅଧକ୍ଷତା କରିଥିବାବେଳେ ବିଡିଓ ସୁରଜ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଜିପିଓ ଲାଲା ମୋହନ ବୁଡେକ ପରିଚାଳନ କରିଥିଲେ। ସ୍ୱାସ୍ଥ୍ୟ, କୃଷି, ପାନୀୟଜଳ, ଉଦ୍ୟାନ ବିଭାଗ, ବିଦ୍ୟୁତ୍ ବିଭାଗ ଉପରେ ଆଲୋଚନା ହୋଇଥିଲା। ପଡିଆବାହାଲ ସ୍ୱାସ୍ଥକେନ୍ଦ୍ରରେ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ଅଭାବ ଓ ବିଭିନ୍ନ ତୈଳ ଜାତୀୟ ବିହନକୁ ନେଇ ପାଟିତୁଣ୍ଡ କରିଥିଲେ।

# ଜିଲା କୃଷି ମହୋତ୍ସବ ଉଦ୍‌ଘାଟିତ

**ଝାରସୁଗୁଡ଼ା ଅଫିସ, ୧୬।୩**

କୃଷକଙ୍କ ଉଦ୍ଦେଶ୍ୟରେ ୫ଦିନିଆ କୃଷି ମହୋତ୍ସବ 'କୃଷି ଓଡ଼ିଶା ୨୦୨୧' ଭୁବନେଶ୍ୱର ବିଜୁ ପଟ୍ଟନାୟକ ପଡିଆରେ ଟିଭି ପରଦାରେ ସିଧା ପ୍ରସାରଣ ଚାଲିଛି। ଏହାର ରିଲେ ପ୍ରସାରଣ ଝାରସୁଗୁଡ଼ା ଜିଲା କୃଷି କାର୍ଯ୍ୟାଳୟରେ ଆରମ୍ଭ ହୋଇଛି। ଏହା ଆସନ୍ତା ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ। ଏହାକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୃଷି ପ୍ରତିନିଧି ଜଗନ୍ନାଥ ଜେନା ଉଦ୍‌ଘାଟନ କରିଛନ୍ତି। ଏଥିରେ ଜିଲା କୃଷି ଅଧିକାରୀ (ଡିଏଓ) ବଲବୀର ସିଂ ସଓାନିୟା, ବ୍ଲକ୍ କୃଷି ଅଧିକାରୀ ପ୍ରଭାତ କୁମାର ପଟେଲ, ଭିରୋନିକା ତିର୍କୀ, କୃଷକନେତା ଶରତ ସାହୁ, କୋଲାବିରା ଆତ୍ମା ଚେୟାରମ୍ୟାନ ଲକ୍ଷ୍ମଣ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହୋତ୍ସବରେ କୃଷି ଯନ୍ତ୍ରପାତି, ଉନ୍ନତ କିସମର ଧାନ ବିହନ ଆଦି ପ୍ରଦର୍ଶନୀ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରତିଦିନ ଜିଲାର ୫ ବ୍ଲକ୍‌ର ଶତାଧିକ ଚାଷୀ, ଏସ୍‌ଏଚ୍‌ଜି ଗ୍ରୁପ୍ ସଦସ୍ୟ ଯୋଗଦେଉଛନ୍ତି। ଏଥିରେ କୃଷି ବିଭାଗର ଉନ୍ନତ ଧରଣର ଚାଷ ପ୍ରଣାଳୀ ସମ୍ପର୍କରେ ଚାଷୀଙ୍କୁ ଶିକ୍ଷା ଦିଆଯାଉଛି। ଏଥିମଧ୍ୟରେ ରହିଛି ସମନ୍ୱିତ ଚାଷ, ନିୟମିତ ମାଛ ଚାଷ, କୁକୁଡା ଚାଷ, ଦୁଗ୍ଧ ଚାଷ, ଫୁଲ ଚାଷ, ମାଣ୍ଡିଆ ଜାତୀୟ ଚାଷ, ଛତୁ ଚାଷ ଆଦି ରହିଛି । ଏ ସମ୍ପର୍କରେ ଡିଏଓ ବଲବୀର ସିଂ କହିଥିଲେ, ସମନ୍ୱିତ ଚାଷ ଚାଷୀର ବିକାଶରେ ସହାୟକ ହୋଇଥାଏ। ତେଣୁ ଏହି ଚାଷ କରିବା ପାଇଁ ସେ ଚାଷୀଙ୍କୁ ଆହ୍ୱାନ ଦେଇଥିଲେ।


ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ଆନ୍ଦୋଳନକୁ ଓହ୍ଲାଇଲା ବିଜେଡି

**ସମ୍ବଲପୁର, ୧୬।୩ (ବ୍ୟୁରୋ)**


ସମ୍ବଲପୁର ଡିଆର୍‌ଏମ୍ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି।

**ସମ୍ବଲପୁର ରୋଡ୍ ଷ୍ଟେଶନ ବନ୍ଦ ହେବା ପ୍ରସଙ୍ଗ**

■ **ବିକାଶ ବଦଳରେ ବିନାଶ ହେଉଛି: ରୋହିତ**

ସମ୍ବଲପୁର ରୋଡ୍ ଷ୍ଟେଶନ ବନ୍ଦ ଘୋଷଣା ପରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହା ବିରୋଧରେ ଯୁବ ଛାତ୍ର ଜନତା ଦଳ ଡାକରାରେ ମଙ୍ଗଳବାର ଡିଆର୍‌ଏମ ଅଫିସ ସମ୍ମୁଖରେ ବିଜେଡି କର୍ମକର୍ତ୍ତା ସହ ବିଭିନ୍ନ ଅନୁଷ୍ଠାନର ସଦସ୍ୟ ଧାରଣା ଦେଇଥିଲେ। ପୂର୍ବାହ୍ନ ୯ଟାରୁ ୧୨ଟା ପର୍ଯ୍ୟନ୍ତ ଧାରଣା ଦେବା ପରେ ସିନିୟର ଡିଭିଜିନାଲ ପର୍ସନାଲ ଅଧିକାରୀ ୟୁସୁଫ କବିର ଅନସାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ଯୁବ ବିଜେଡି ସଭାପତି ଲକ୍ଷ୍ମୀପ୍ରସାଦ ମହାନ୍ତି, ଛାତ୍ର ବିଜେଡି ସଭାପତି ଡ. ସିଦ୍ଧାନ୍ତ ମହାନ୍ତିଙ୍କ ନେତୃତ୍ୱରେ ବିଜେଡି ଜିଲା ସଭାପତି ସିଦ୍ଧାର୍ଥ ଦାସ, ପୂର୍ବତନ ବିଧାୟିକା ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ପୂର୍ବତନ ବିଧାୟକ ରମେଶ ପଟୁଆ, ଜିଲା ଓକିଲ ସଂଘ ସଭାପତି ଡ. ପ୍ରମୋଦ ରଥ, ପୂର୍ବତନ ଏସ୍‌ଡିଏ ଅଧକ୍ଷ ବିଜୟ ମହାନ୍ତି, ରାଜ୍ୟ ପ୍ରବକ୍ତା ସଞ୍ଜୟ କୁମାର ବାବୁ, ରାଜ୍ୟ ଯୁଗ୍ମ ସମ୍ପାଦକ ଧର୍ମରାଜ ମରାଇ, ମନୋଜ ମହାପାତ୍ର, ମିଲନ ହୋତା, ବସନ୍ତ ମିଶ୍ର, ସଙ୍ଗୀତା ସ୍ୱାଇଁ, କବିତା ପୁରୋହିତ, ସୌରିନ୍ଦି ନାଏକ, ସୁନନ୍ଦା ନାଏକ, ମମତା ପଣ୍ଡା, ଉଷା ପ୍ରଧାନ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ। ସରକାରୀ ଉପମୁଖ୍ୟ ସଚେତକ ତଥା ରେଢାଖୋଲ ବିଧାୟକ ରୋହିତ ପୂଜାରୀ ମଧ ଘଟଣାକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି, କେନ୍ଦ୍ର ସରକାର ଓଡ଼ିଶାକୁ ଅବହେଳା କରଚାଲିଛନ୍ତି। ସମ୍ବଲପୁର ରୋଡ୍ ଷ୍ଟେଶନକୁ ସୁରକ୍ଷା ଦେବା ବଦଳରେ ଭାଙ୍ଗି ଦିଆଯାଉଛି। ଷ୍ଟେଶନକୁ ବଞ୍ଚାଇ କାମ କରି ହେବ। ବିକାଶ ନାମରେ ବିନାଶ କରାଯାଉଛି। ଏହି ନିଷ୍ପତ୍ତି ପ୍ରତ୍ୟାହର ନ ହେଲେ ଆନ୍ଦୋଳନ ଜୋରଦାର ହେବ ବୋଲି କହିଛନ୍ତି। ଉପସ୍ଥିତ ନେତା ଓ କର୍ମକର୍ତ୍ତାମାନେ କହିଥିଲେ ଯେ, ଦେଶ ସ୍ୱାଧୀନ ହେବା ପୂର୍ବରୁ ୧୮୯୦ ମସିହାରେ ଷ୍ଟେଶନ ନିର୍ମାଣ ହୋଇଥିଲା। ଐତିହାସିକ ଷ୍ଟେଶନ ବନ୍ଦ କରିବାକୁ ରେଳ ବିଭାଗ ନିଷ୍ପତ୍ତି ନେଇଛି। ୧୯୯୨–୯୩ରେ ମଧ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ହୋଇଥିଲା। ପ୍ରବଳ ବିରୋଧ କରାଯିବାରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଏବେ ଷ୍ଟେଶନ ଭିତ୍ତିଭୂମିର ବିକାଶ କରାଯାଇ ଟିକେଟ କାଉଣ୍ଟର, ଯାତ୍ରୀ ପ୍ରତୀକ୍ଷାଳୟ ଭଳି ସମସ୍ତ ସୁବିଧା କରାଯାଇଛି। ଏହା ଉପରେ ସମ୍ବଲପୁର ଓ ଆଖପାଖ ଜିଲାବାସୀ ନିର୍ଭର କରୁଥିବାରୁ ଏହି ନିର୍ଦ୍ଦେଶ ବାତିଲ କରାଯାଉ ବୋଲି ଦାବି କରିଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୭ ମାର୍ଚ୍ଚ, ୨୦୨୧



## ପ୍ଲାଟଫର୍ମରେ ଲାଗିନି ଡିସ୍‌ପ୍ଲେ ବୋର୍ଡ

ଲାଠୋର,(ଡି.ଏନ.ଏ.): ବଲାଙ୍ଗୀର ଜିଲା ହରିଶଙ୍କର ରୋଡ ରେଳ ଷ୍ଟେଶନର ଉନ୍ନତିକରଣ ଚାଲିଛି। ବର୍ତ୍ତମାନ ଯାଏ ଡିସପ୍ଲେ ବୋର୍ଡ ଖଞ୍ଜା ଯାଇ ନଥିବା ଯୋଗୁଁ ଯାତ୍ରୀମାନେ ଯାତ୍ରା ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପ୍ରତ୍ୟହ ହରିଶଙ୍କର ରୋଡ ରେଳ ଷ୍ଟେଶନ ଦେଇ ଦେଶର ବିଭିନ୍ନ ସ୍ଥାନକୁ ରେଳ ଚଳାଚଳ ହେଉଛି। ଲୋକେ ଷ୍ଟେଶନ ଦେଇ ଯିବା ଆସିବା କରୁଛନ୍ତି। ଡିସପ୍ଲେର ନଥିବା ଯୋଗୁଁ ଟ୍ରେନର ଗତିବିଧି ବିଷୟରେ ଯାତ୍ରୀମାନେ ଜାଣି ପାରୁ ନାହାନ୍ତି। ରେଳ ବିଭାଗ ଏଥିପ୍ରତି ଦୃଷ୍ଟି ଅବିଳମ୍ବେ ଡସପ୍ଲେର ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହେଉଛି।

### ସଂକ୍ଷେପରେ

## ରାମେଶ୍ୱର ସଙ୍ଗମରୁ ବାଲି ଚୋରା ଚାଲାଣ

**ସୋନପୁର,୧୬।୩(ନି.ପ୍ର.):** ମହାନଦୀ ଓ ତେଲ ନଦୀର ସଙ୍ଗମସ୍ଥଳ ସୁବର୍ଣ୍ଣପୁର ସହରର ରାମେଶ୍ୱର ନିକଟରୁ ପ୍ରତ୍ୟହ ବାଲି ଚୋରାଚାଲାଣ ହେଉଛି। ଜେସିବି ମେଶିନରେ ବାଲି ଉତ୍ତୋଳନ କରାଯାଉଛି। ଟ୍ରାକ୍ଟର ଯୋଗେ ବାଲି ସହରର ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି। ଏହି ବାଲି ଉତ୍ସକୁ ରାଜସ୍ୱ ବିଭାଗ ପକ୍ଷରୁ ନିଲାମ ଦିଆଯାଇନି। ମାତ୍ର ଦିନ ରାତି ବାଲି ଉତ୍ତୋଳନ ହେଉଛି। ଏହା ଦ୍ୱାରା ସରକାରଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନୀ ଘଟିଲାଣି। କିନ୍ତୁ ପ୍ରଶାସନର ଏଥିପ୍ରତି ଦୃଷ୍ଟିନାହିଁ। ଖୋଦ୍ ଜିଲା ମୁଖ୍ୟାଳୟରେ ରାଜସ୍ୱ ବିଭାଗର ବଡବଡ ଅଧିକାରୀଙ୍କ ଜାଣତରେ ଏଭଳି ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ମେଶିନ ସାହାଯ୍ୟରେ ତେଲନଦୀରୁ ବେଆଇନଭାବେ ବାଲି ଉତ୍ତୋଳନ କରାଯାଉଥିବାରୁ ବନ୍ୟା ସମୟରେ ଏହା ରାମେଶ୍ୱର ଶୈବପୀଠ ପ୍ରତି ବିପଦ ସୃଷ୍ଟି କରିବ ବୋଲି ସହରର ବୁଦ୍ଧିଜୀବୀ ଆଶଙ୍କା ପ୍ରକାଶ କରୁଛନ୍ତି। ଗୋଟିଏ ପଟେ ରାମେଶ୍ୱର ସଙ୍ଗମସ୍ଥଳର ସୁରକ୍ଷା ପାଇଁ ଜଳସେଚନ ବିଭାଗ ପକ୍ଷରୁ ନଦୀ କୂଳରେ କଂକ୍ରିଟ୍ କାନ୍ଥ ଓ ପାହାଚ ନିର୍ମାଣ କରାଯାଉଛି। ଅନ୍ୟପକ୍ଷେ ନଦୀଗର୍ଭରୁ ଦୈନିକ ଶତାଧିକ ଟ୍ରିପ୍ ବାଲି ଚୋରାଚାଲାଣ ଦ୍ୱାରା ପୀଠ ପ୍ରତି ବିପଦ ସୃଷ୍ଟି କରାଯାଉଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଦୋଷୀ ରାଜସ୍ୱ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି ।

## ଚାଉଲଡିଆରେ ପାଠାଗାର ନିର୍ମାଣ ଦାବି

**ଲାଠୋର, ୧୬।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଚାଉଲଡିଆ ଗ୍ରାମରେ ଏକ ପାଠାଗାର ନିର୍ମାଣ ପାଇଁ ଦାବି କରିଛି ଜ୍ୟୋତିବା ଫୁଲେ କ୍ଲବ। ପଞ୍ଚାୟତ ଅଧୀନ ୫ଖଣ୍ଡ ଗ୍ରାମରେ ଅନେକ ଶିକ୍ଷିତ ଯୁବତୀ ଯୁବକ ରହିଛନ୍ତି। ସେମାନେ ପ୍ରତିବର୍ଷ ବଭିନ୍ନ ପ୍ରକାର ପ୍ରତିଯୋଗିତାମୂଳକ ପରୀକ୍ଷା ମାନ ଦେଉଛନ୍ତି। ହେଲେ ଗରିବ ଶ୍ରେଣୀର ହୋଇଥିବାରୁ ପଇସା ଖର୍ଚ୍ଚ କରି ବହି କିଣି ପାଠ ପଢିବା ସେମାନଙ୍କ ପକ୍ଷେ ସମ୍ଭବ ହେଉନାହିଁ। ସରକାରୀଭାବେ ଏଠାରେ ଏକ ପାଠାଗାର ସ୍ଥାପନ କଲେ ଅଞ୍ଚଳର ପିଲାମାନେ ଉପକୃତ ହେବେ। କ୍ଲବ ପକ୍ଷରୁ ବାରମ୍ବାର କରୁଆଁଝର ପଞ୍ଚାୟତ କର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରି ଏକ ପାଠାଗାର ନିର୍ମାଣ ପାଇଁ ଦାବି କଲେ ମଧ ସମୟ ଗଡେଇ ଚାଲିଥିବା ଅଭିଯୋଗ ହେଉଛି। ଯଥାଶୀଘ୍ର ପାଠାଗାର ନିର୍ମାଣ ପାଇଁ ସାଧାରଣରେ ଦାବି ହେଉଛି।

## ବିଦ୍ୟୁତ୍ ପୋଲରେ ଯାଆସ କରୁଛନ୍ତି ଲୋକେ

**ବିନିକା,୧୬.୩(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଗାଁ ନିକଟରେ ଥିବା ସିଂଘିଯୁବା-ପାପୀ କେନାଲ ଉପରେ ବ୍ରିଜ ନାହିଁ। ଲୋକେ ବଡକଷ୍ଟରେ ନାଳ ପାର ହୋଇଥାନ୍ତି। ଏଠାରେ ବ୍ରିଜ ନିର୍ମାଣ ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଥିଲେ ହେଁ ବିଭାଗ କର୍ଣ୍ଣପାତ କରୁନାହିଁ। ଅପରପକ୍ଷରେ କର୍ତ୍ତୃପକ୍ଷ କେନାଲ ଉପରେ ବିଦ୍ୟୁତ୍ ପୋଲ ପକାଇ ଦେଇ କାମ ସାରି ଦେଇଛନ୍ତି। ଏହି ପୋଲଦେଇ ଲେକେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ଅବିଳମ୍ବେ ପୋଲ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

## ଖବରଦାତାଙ୍କ ପରଲୋକ

**ବୌଦ୍ଧ,୧୬।୩(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ୩୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସାମ୍ବାଦିକତା



କରି ଆସିଥିବା ବରିଷ୍ଠ ଖବରଦାତା ସତିଶ ଚନ୍ଦ୍ର ପଟ୍ଟନାୟକ (୯୩)ଙ୍କ ସୋମବାର ବିଳମ୍ବିତ ରାତିରେ ଦାନୀସାହିସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ବଲାଙ୍ଗୀର ଜିଲା ରାଜେନ୍ଦ୍ର କଲେଜରୁ ସ୍ନାତକ ଡିଗ୍ରୀ ହାସଲ ପରେ ସେ ସ୍ୱାସ୍ଥ୍ୟ ବିଭାଗରେ କାର୍ଯ୍ୟ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଦୈନିକ ଆଶା ଖବରକାଗଜରୁ ସାମ୍ବାଦିକତା ଆରମ୍ଭ କରି ବିଭିନ୍ନ ଖବରକାଗଜ ପାଇଁ କାର୍ଯ୍ୟ କରିଥିଲେ। ଜଣେ ଫିଚର ଲେଖକ ଭାବେ ସେ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଶୋକପ୍ରକାଶ କରିଛନ୍ତି । ରାଜଘାଟସ୍ଥିତ ଶ୍ମଶାନ ଘାଟରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି।

# କ୍ୱାକ୍‌ଙ୍କ ହାତରେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା

**ସୁବର୍ଣ୍ଣପୁର ଜିଲା**

■ ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟାନୁଷ୍ଠାନ ନାହିଁ

**ସୋନପୁର,୧୬।୩ (ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଅଧିକାଂଶ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା ଆଜି ବି କ୍ୱାକ୍‌ମାନଙ୍କ ହାତରେ ରହିଛି। ସେମାନଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଅନେକ ରୋଗୀ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ହେଲେ ସମ୍ପୃକ୍ତ କ୍ୱାକ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଜନସାଧାରଣ ଯେପରି ସୁବିଧାରେ ସ୍ୱାସ୍ଥ୍ୟସେବା ନିଜ ଗାଁରେ ପାଇପାରିବେ ସେଥିପାଇଁ ସରକାରୀ ମାଗଣା ଔଷଧ ଯୋଗାଇ ଦିଆଯାଇଛି। ସ୍ୱଳ୍ପ ମୂଲ୍ୟରେ ଜେନେରିକ୍ ମେଡିସିନ ଜନ ଔଷଧି ଦୋକାନରେ ମିଳୁଛି। ଏସବୁ ସତ୍ତ୍ୱେ ଜିଲାର ଗ୍ରାମାଞ୍ଚଳରେ କ୍ୱାକ୍‌ଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ବୀରମହାରାଜପୁର, ତରଭା, ଉଲୁଣ୍ଡା ଓ ବିନିକା ବ୍ଲକର ଉପାନ୍ତ ଅଞ୍ଚଳରେ କ୍ୱାକ୍‌ଙ୍କ ଦୌରାତ୍ମ୍ୟରେ ଲୋକେ ଅତିଷ୍ଠ ହୋଇପଡିଲେଣି। କୋଲକାତା, ମୁମ୍ବାଇ ଆଦି ସ୍ଥାନରୁ ଅନେକ କ୍ୱାକ୍ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଆଣି ସାଇନବୋର୍ଡ ଲଗାଇ ରୋଗୀ ଚିକିତ୍ସା କରୁଛନ୍ତି। ଏହି କ୍ୱାକ୍‌ମାନେ ପାଇଥିବା ପ୍ରମାଣପତ୍ରର ସତ୍ୟତା ତଦାରଖ କରିବାକୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ଫଳରେ ସେମାନେ ଏଭଳି ବେଆଇନ କାର୍ଯ୍ୟକୁ ଆହୁରି ବଢାଇ ହଜାର ହଜାର ଟଙ୍କା ନିରୀହ ଜନସାଧାରଣଙ୍କଠାରୁ ଲୁଟି ନେଉଥିବା ଦେଖାଯାଉଛି। ସବୁଠାରୁ ସମ୍ବେଦନଶୀଳ ବିଷୟ ହେଲା ଯେ, ଗ୍ରାମାଞ୍ଚଳ ଲୋକଙ୍କୁ ଠକୁଥିବା କ୍ୱାକ୍‌ମାନେ କିଛି ଅନାମଧେୟ କମ୍ପାନୀର ଔଷଧ ଆଣି ଚଢାଦରରେ ରୋଗୀଙ୍କୁ ଦେଉଛନ୍ତି। ତେବେ ଡ୍ରଗ୍ସ ଲାଇସେନ୍ସ ନ ଥାଇ ଏସବୁ ଔଷଧ ଗ୍ରାମାଞ୍ଚଳର କ୍ୱାକ୍‌ମାନଙ୍କ ପାଖକୁ କିପରି ଓ କାହାଠାରୁ ଯାଉଛି ତାହା ତଦନ୍ତ ସାପେକ୍ଷ। ଅନେକ କ୍ୱାକ୍ ସେମାନଙ୍କ ନିଜ ଘରେ ମିନି ଡାକ୍ତରଖାନା ଖୋଲି ରୋଗୀଙ୍କୁ ଔଷଧ ସାଙ୍ଗକୁ ସାଲାଇନ୍ ମଧ୍ୟ ଦେଉଥିବା ଅଭିଯୋଗ ହେଉଛି। ଏପରିକି ଏହି କ୍ୱାକ୍‌ମାନେ ବେଆଇନ ଗର୍ଭପାତ କରିବା ସହ ଗ୍ରାମାଞ୍ଚଳର ଗର୍ଭବତୀ ଓ ଶିଶୁଙ୍କୁ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରୁଛନ୍ତି। ସରକାର ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସବୁ ଗ୍ରାମରେ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ଗାଁ କଲ୍ୟାଣ ସମିତି ଓ ସ୍ୱାସ୍ଥ୍ୟକର୍ମୀ ଆଦି ନିଯୁକ୍ତି ଦେଉଛନ୍ତି। ପ୍ରତ୍ୟେକ ଗାଁରେ ସ୍ୱାସ୍ଥ୍ୟ କାନ୍ଥରେ ସଚେତନତା ବାର୍ତ୍ତା ଦିଆଯାଉଛି। ହେଲେ ଏହି କର୍ମଚାରୀମାନେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କ୍ୱାକ୍‌ଙ୍କ ଦ୍ୱାରା ପ୍ରଭାବିତ ହେଉଥିବା ଅଭିଯୋଗ ହେଉଥିବାରୁ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ପଣ୍ଡାଙ୍କୁ ପଚାରିବାରୁ ଜନସାଧାରଣ କ୍ୱାକ୍‌ଙ୍କ ହାବୁଡରେ ପଡି ଠକାମିର ଶିକାର ନ ହେବାକୁ ଜନସଚେତନ ସୃଷ୍ଟି କରାଯାଉଛି। ମାତ୍ର ଏହା ଯଥେଷ୍ଟ ହେଉନି। ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ସମ୍ପୃକ୍ତ କ୍ୱାକ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ମୂଷା ମାରିବା ପାଇଁ ଧୂଆଁ ଦେଲାବେଳେ ଜଳିଗଲା ଘର



କର୍ଡାପାଲ ଗ୍ରାମବାସୀ ନିଆଁ ଲାଗିଥିବା ଘରକୁ ଲିଭାଉଛନ୍ତି ।

**ଅମରପାଲି, ୧୬।୩ (ଡି.ଏନ.ଏ.)**

ମୂଷା ମାରିବା ପାଇଁ ଧୂଆଁ ଦେଲାବେଳେ ନିଆଁ ଲାଗି ଜଳିଗଲା ଘର। ଏଭଳି ଏକ ଘଟଣା ଘଟିଛି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ମୁର୍ଷୁଣ୍ଡୀ ପଞ୍ଚାୟତ ଅନ୍ତର୍ଗତ କର୍ଡାପାଲ ଗ୍ରାମରେ। ଗ୍ରାମର ଦୁଃଶାସନ ବିଶ୍ୱାଳ ନାମକ ଜଣେ ବୃଦ୍ଧ ତାଙ୍କ ସ୍ତ୍ରୀ ସହ ଘରେ ମୂଷା ମାରିବା ପାଇଁ ମଙ୍ଗଳବାର ଅପରାହ୍ଣ ୧ଟାରେ ଧୂଆଁ ଦେଉଥିଲେ। ସେହି ସମୟରେ ହଠାତ ନିଆଁ ଲାଗି ଘରର ନଡା ଛପରେ ଲାଗିଥିଲା। ଉଭୟ ବୃଦ୍ଧାବୃଦ୍ଧ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ମାତ୍ର ନିଆଁ ଅଣାୟତ୍ତ ହେବାରୁ ପାଟିତୁଣ୍ଡ କରିଥିଲେ। ଫଳରେ ଗ୍ରାମର ଲୋକେ ଆସି ଉଭୟଙ୍କ ଘରୁ ଉଦ୍ଧାର କରିବା ସହିତ ନିଆଁକୁ ଲିଭାଇବାକୁ ଚେଷ୍ଟା କରିଥିଲେ। ଗରା, ବାଲଟି ଧରି ନଳକୂପ ଓ କୂଅରୁ ପାଣି ଆଣି ନିଆଁକୁ ଆୟତ୍ତ କଲାବେଳକୁ ଉଭୟ ବୃଦ୍ଧାବୃଦ୍ଧ ରହୁଥିବା ଗୋଟିଏ ବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ନିଆଁ ଲାଗିଥିବା ଘରର ଉଭୟ ପାର୍ଶ୍ୱରେ ବହୁ ଘର ଥିବାରୁ ଏକ ବଡ ଦୁଘଟଣାରୁ ବର୍ତ୍ତି ଯାଇଥିବା ସୂଚନା ମିଳିଛି।

# ବଦ୍ରେନ ଫୁଟବଲ ଟୁର୍ନାମେଣ୍ଟ : ସେମିରେ ମୁରିବାହାଲ



ଅତିଥି, ଆୟୋଜକଙ୍କ ସହ ଉଭୟ ଦଳର ଖେଳାଳିମାନେ।

**ମୁରିବାହାଲ, ୧୬।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ଆଦିବାସୀ ଯୁବକ ସଂଘ ପକ୍ଷରୁ ପ୍ରଥମ ବାର୍ଷିକ ମାଁ ବଦ୍ରେନ୍ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ସ୍ଥାନୀୟ ହାଇସ୍କୁଲ ଖେଳ ପଡିଆରେ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ମ୍ୟାଚରେ ଟିଟିଲାଗଡ କେନ୍ଦୁମୁଣ୍ଡି ଏକାଦଶକୁ ୨-୦ଗୋଲରେ ହରାଇ ମୁରିବାହାଲ ୟୁଥ ଓ ସ୍ପୋର୍ଟିଂ କ୍ଲବ ପ୍ରଥମ ଦଳ ଭାବେ ସେମି ଫାଇନାଲରେ ପ୍ରବେଶ କରିଛି। ଖେଳକୁ ଶ୍ରୀବସ୍ତ ବେହେରା, ଆଶୀର୍ବାଦ ସା, ଆଶିଷଦେବ ସା, ଅଶ୍ୱିନୀ ଭୁକ୍ତା ପରିଚାଳନା କରିଥିଲେ। ଖେଳ ପୂର୍ବରୁ ଟୁର୍ନାମେଣ୍ଟକୁ ମୁରିବାହାଲ ବିଡିଓ ବିଡିଓ ପ୍ରିୟରଞ୍ଜନ କୁମ୍ଭାର ମୁଖ୍ୟଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥିଭାବେ ଏବିଡିଓ ମହେନ୍ଦ୍ର ପ୍ରଧାନୀ, ବ୍ଲକ ଯୁବ ଯାଦବ ସଭାପତି ଗଙ୍ଗାଧର ହେର୍ଣ୍ଡା, ବ୍ଲକ ଯାଦବ ସମାଜ ସାଧାରଣ ସମ୍ପାଦକ ତରୁଣ ପୋଢ଼ ଉପସ୍ଥିତ ଥିଲେ। ଆୟୋଜକ କମିଟି ସଭାପତି ବନବିହାରୀ ଯୋଶୀ, କାର୍ଯ୍ୟକାରୀ ସଭାପତି ପିଣ୍ଟୁ ଭୋଇ, ସାଧାରଣ ସମ୍ପାଦକ ଶମ୍ଭୁ ପ୍ରସାଦ ଭୋଇ ଓ ଉପଦେଷ୍ଟା ଶ୍ରୀପତି ଷାଣ୍ଢଙ୍କ ନେତୃତ୍ୱରେ ସୁରେନ୍ଦ୍ର ଛୁରା, ଯୁବରାଜ ଭୋଇ, ମନୋଜ ଭୋଇ, କିଶୋର ଭୋଇ, ବଷ୍ଟି କର୍ଣ୍ଣ ଆୟୋଜନରେ ସହଯୋଗ କରୁଛନ୍ତି। ବୁଧବାର କଦଳୀମୁଣ୍ଡା ଓ ଘୁଷୁରାମୁଣ୍ଡା ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରକାଶ।

## କେଶରିଆ ହିନ୍ଦୁ ବାହିନୀର ସମ୍ବର୍ଦ୍ଧନା ସଭା

**ଲୋଇସିଂହା,୧୬।୩(ଡି.ଏନ.ଏ)**

ଲୋଇସିଂହା ଅଗ୍ରସେନ ଭବନଠାରେ ବଲାଙ୍ଗୀର ଜିଲା କେଶରିଆ ହିନ୍ଦୁ ବାହିନୀର ସମ୍ବର୍ଦ୍ଧନା ସଭା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସଭାରେ କବି ବାବା ଅଧ୍ୟକ୍ଷତା କରିଥିଲେ । ଏଥିରେ ପ୍ରଦେଶ ମହାମନ୍ତ୍ରୀ ସନ୍ତୋଷ ଭୋଲ, ଜିଲା ସଭାପତି ପ୍ରଦୀପ କୁମାର ତ୍ରିପାଠୀ, ଶଙ୍କର୍ଷଣ ଆଚାର୍ଯ୍ୟ, ନଗର ସଭାପତି ସୁଶୀଲ ସାହୁ, ନଗର ମହାସଚିବ ଦେବ ରାଜନାଗ ପ୍ରମୁଖ ଉପସ୍ଥିତ ଥିଲେ । ସଭାରେ ନବ ନିଯୁକ୍ତ ଜିଲା ସଭାପତି ଓ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ

**ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ ନିର୍ଦ୍ୱନ୍ଦ୍ୱ**

**ସୋନପୁର,୧୬।୩(ନି.ପ୍ର.)**

ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ ଆସନ୍ତା ୨୭ ତାରିଖରେ ଅନୁଷ୍ଠିତ ହେବ। ନିର୍ବାଚନ ପାଇଁ ଗତ ୬, ୭ ଓ ୮ ତାରିଖ ତିନି ଦିନ ଧରି ନାମାଙ୍କନ ପତ୍ର ଦାଖଲ ପାଇଁ ଦିନ ଧାର୍ଯ୍ୟ ଥିଲା। ୧୦ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ୧୨ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ତଦନୁଯାୟୀ ସଭାପତି ପଦବିରେ ବିଧାନ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ରବୀନ୍ଦ୍ର କୁମ୍ଭାର ଓ ସାଧାରଣ ସମ୍ପାଦକ ପଦବୀରେ ଗଦାଧର ନେଗୀ କେବଳ ଜଣେ ଲେଖାଏ ପ୍ରାର୍ଥୀ ଅଛନ୍ତି। ତେଣୁ ସଭାପତି, ଉପସଭାପତି ଓ ସାଧାରଣ ସମ୍ପାଦକ ପଦବି ନିର୍ଦ୍ୱନ୍ଦ୍ୱ ରହିଛି। ତେଣୁ ବିଧାନ ଚନ୍ଦ୍ର ପାଣିଗ୍ରାହୀ ସପ୍ତମ ଥର ପାଇଁ ଜିଲା ଓକିଲ ସଂଘ ସଭାପତି ହେବା ସ୍ପଷ୍ଟ ହୋଇଛି। ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ଦଶରଥ ମହାରଣା, ସହକାରୀ ନିର୍ବାଚନ ଅଧିକାରୀ ଉଦ୍ଧବ ଚରଣ ମିଶ୍ର ପରିଚାଳନା କରୁଛନ୍ତି। ଆସନ୍ତା ୨୭ ତାରିଖ ନିର୍ବାଚିତ ପ୍ରାର୍ଥୀଙ୍କ ନାମ ବିଧିବଦ୍ଧ ଭାବେ ଘୋଷଣା କରାଯିବ ବୋଲି ନିର୍ବାଚନ ଅଧିକାରୀ ମହାରଣା ସୂଚନା ଦେଇଛନ୍ତି ।

# ଡାଲଖାଇ ଡଙ୍ଗରରେ ନିଆଁ



ଡାଲଖାଇ ଡଙ୍ଗର ଶିଖରରେ ନିଆଁ ଲାଗିଛି।

**ଲୋଇସିଂହା,୧୬।୩(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ରେଞ୍ଜ ଅନ୍ତର୍ଗତ କୁଟରାପାଲି ଡାଲଖାଇ ଡଙ୍ଗରରେ ମଙ୍ଗଳବାର ଅପରାହ୍ନରେ ନିଆଁ ଲାଗିଛି । ପ୍ରଚଣ୍ଡ ଖରା ଓ ପବନ ହେଉଥିବାରୁ ନିଆଁ ଡଙ୍ଗର ଶିଖରକୁ ଛୁଇଁ ଯାଇଛି । ନିଆଁକୁ ଲିଭାଇବା ପାଇଁ ଲୋଇସିଂହା ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ୟମ ଚଳାଇଛନ୍ତି। ସୂଚନା ଅନୁଯାୟୀ, ଲୋଇସିଂହା ରେଞ୍ଜ ବାଦିମୁଣ୍ଡା ପଞ୍ଚାୟତ ଅଧୀନ କୁଟରାପାଲି ଗାଁ । ଝାରମୁଣ୍ଡା-ଉପରବାହାଲ ରାସ୍ତାର କଡରେ ଥିବା କୁଟରାପାଲି ହାଇସ୍କୁଲା ପଡିଆକୁ ସଂଲଗ୍ନ କରି ରହିଛି ଡାଲଖାଇ ପାହାଡ। ୫୦ ହେକ୍ଟର ବ୍ୟାସାର୍ଦ୍ଧ ଉକ୍ତ ଡଙ୍ଗରେ ଶାଗୁଆନ, କେନ୍ଦୁ, କର୍ଲା, ବାଉଁଶ ସମେତ ବହୁ ଔଷଧୀୟ ବୃକ୍ଷରାଜି ରହିଛି। ମଙ୍ଗଳବାର ଆପରାହ୍ନରେ କେହି ଡଙ୍ଗର ତଳି ଅଞ୍ଚଳରେ ନିଆଁ ଲଗାଇ ଦେଇଥିବା ଗ୍ରାମାବସୀ ସନ୍ଦେହ କରିଛନ୍ତି। ଗ୍ରୀଷ୍ମପ୍ରବାହ ଯୋଗୁ ପତ୍ର ଝଡା ଦେଉଥିବାରୁ ନିଆଁ ଚାହୁଁଚାହୁଁ ବ୍ୟାପି ଯାଇଥିଲା। ଖବର ପାଇ ଲୋଇସିଂହା ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ।

## କୁହିମୁଣ୍ଡାକୁ ରାସ୍ତା ନାହିଁ, ତହସିଲଦାରଙ୍କୁ ଫେରାଦ

**ଦେଓଗାଁ, ୧୬।୩ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଉପରଝର ପଞ୍ଚାୟତ ଅନ୍ତର୍ଗତ କୁହିମୁଣ୍ଡା ସ୍ଥାୟୀ ରାସ୍ତା ନାହିଁ। ରାସ୍ତା ନିର୍ମାଣ ଦାବିକୁ ନେଇ ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇ ନିରାଶ ହୋଇଛନ୍ତି। ଉପରଝର ମୁଖ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତାରେ ଜନୈକଙ୍କ ରୟତି ଜମି ରହିଥିବାରୁ ସରକାରୀ ଅନୁଦାନ ବିନିଯୋଗ ହୋଇ ପାରୁନାହିଁ। ତେଣୁ ବାଧ ହୋଇ ଉକ୍ତ ଅସ୍ଥାୟୀ ରାସ୍ତା ଦେଇ ଅବ୍ୟବସ୍ଥାରେ ଲୋକେ ଯାଆସ କରୁଛନ୍ତି। ତେବେ ସରକାରୀ ଜମି ଚିହ୍ନଟ କରି ଏକ ସ୍ଥାୟୀ ରାସ୍ତା ଯୋଗାଇ ଦେବାପାଇଁ ମଙ୍ଗଳବାର ବ୍ଲକ ଅଧକ୍ଷା ରୀନା ମେହେର, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର, ବ୍ଲକ ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଗାଁର ଶମ୍ଭୁଭୂଷଣ ସାହୁ, କ୍ଷୀରୋଦ୍ର ପଧାନ, ହନୁସାହୁ, ଠାକୁର ପଧାନ,ରୋହିତ ସାହୁ ପ୍ରମୁଖ ତହସିଲଦାର ନାରାୟଣ ସାହୁଙ୍କୁ ସାକ୍ଷାତ କରିଥିଲେ। ନିଜେ ଯାଇ ଗାଁ ଆଖପାଖ ଅଞ୍ଚଳ ପରିଦର୍ଶନ ପରେ ସରକାରୀ ଜମି ଚିହ୍ନଟ କରି ସ୍ଥାୟୀ ରାସ୍ତା ପାଇଁ ପଦକ୍ଷେପ ନିଆଯିବ ବୋଲି ତହସିଲଦାର କହିଛନ୍ତି।

# ନୂତନ ପଞ୍ଜୀକରଣ ନିୟମ ଚାଷୀଙ୍କ ପାଇଁ କାଳ

**ରବି ଋତୁରେ ଧାନ ବିକ୍ରି ନେଇ ବଢୁଛି ଚିନ୍ତା**

**ବିନିକା,୧୬।୩(ଡି.ଏନ୍.ଏ.)**

ଚଳିତ ରବିଋତୁରେ ଧାନ ବିକ୍ରି ଲାଗି ଚାଷୀଙ୍କ ନାମ ପଞ୍ଜୀକରଣ କ୍ଷେତ୍ରରେ ଯୋଗାଣ ବିଭାଗ ଜାରି କରିଥିବା ନିୟମାବଳୀ ପ୍ୟାକ୍ସ ଓ ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଏହି ନିୟମ କୋହଳ କରି ବିକଳ୍ପ ବ୍ୟବସ୍ଥା ନ ହେଲେ ବହୁ ଚାଷୀ ଏଥର ଧାନ ବିକ୍ରିରୁ ବଞ୍ଚିତ ହେବେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ପ୍ରାୟ ୭୦ଭାଗ ଲୋକ ଧାନଚାଷ ଉପରେ ନିର୍ଭର କରନ୍ତି । ଗତ ଖରିଫ ଋତୁରେ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ଠାରୁ ୧୦ଟି ପ୍ୟାକ୍ସ ଓ ୬ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ରେକର୍ଡ ପରିମାଣର ଧାନ ସଂଗ୍ରହ ହୋଇଥିଲା । ଏହି ଅଞ୍ଚଳର ୧୩ ହଜାରରୁ ଉର୍ଦ୍ଧ୍ୱ ଧାନ ଚାଷୀ ପ୍ରତିବର୍ଷ ଜିଲା ଯୋଗାଣ ବିଭାଗର ନୀତି ନିୟମ ଅନୁସାରେ ଧାନ ବିକ୍ରୟ କେନ୍ଦ୍ରରେ ଧାନ ବିକ୍ରି କରିଥାନ୍ତି। ମାତ୍ର ଚଳିତ ରବିଋତୁରେ ଚାଷୀ ପଞ୍ଜୀକରଣ ନିୟମରେ ଜିଲା ଯୋଗାଣ ବିଭାଗ ଅନେକ ନିୟମାବଳୀ ପ୍ରଣୟନ କରିଛନ୍ତି। ଯାହାକି ପ୍ୟାକ୍ସ ଓ ଧାନ ଚାଷୀଙ୍କ ପାଇଁ କାଳ ସାଜିଥିବା ଅଭିଯୋଗ ହୋଇଛି। ନିୟମ ଅନୁଯାୟୀ ପ୍ୟାକ୍ସ ସମ୍ପାଦକ ଏବଂ ମହିଳା ଗ୍ରୁପ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା କାର୍ଯ୍ୟ ସୁଚାରୁ ଭାବେ ତୁଲାଇବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ହୋଇଛି। ନୂତନ ନିୟମ ଅନୁଯାୟୀ ଚାଷୀଙ୍କ ନାମ ପଞ୍ଜୀକରଣ ପୂର୍ବରୁ ଚାଷୀ ଚାଷ ଜମିରେ ଚାଷ କରୁଛି କି ନାହିଁ ନିରୂପଣ କରାଯିବ। ଏହାଛଡା ପଞ୍ଜୀକରଣ ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ କରାଯାଇଥିବା ବେଳେ ଜମିର କିସମ ଉଲ୍ଲେଖ ରହିବ। ଅପରପକ୍ଷରେ ନୂତନ କରି ଜମି କିଣିଥିବା ଚାଷୀଙ୍କୁ ମଧ୍ୟ ନାମ ପଞ୍ଜୀକରଣ ନେଇ ସମସ୍ୟା ହେଉଛି । ୨୦୦୯ରେ ଆଧାର କାର୍ଡକୁ ପରିଚୟ ପତ୍ର ଭାବେ ଗ୍ରହଣ କରାଗଲା। ଏହାପୂର୍ବରୁ ଭୋଟର ପରିଚୟ ପତ୍ର କାମରେ ଲାଗୁଥିଲା। ତେବେ ୨୦୦୯ ମସିହା ପୂର୍ବରୁ ମୃତ୍ୟୁବରଣ କରିଥିବା ପଟ୍ଟାଧାରୀମାନଙ୍କର ଆଧାର କାର୍ଡ ନ ଥିବାରୁ ସେମାନଙ୍କ ଉତ୍ତରାଧିକାରୀ ଏବେ ନୂତନ ନିୟମ ନେଇ ଚିନ୍ତାରେ ପଡିଛନ୍ତି। ଏହାକୁ ଦୃଷ୍ଟିରେ ରଖି ଚାଷୀ କିପରି ସୁବିଧାରେ ନାମ ପଞ୍ଜୀକରଣ କରି ଧାନ ବିକିପାରିବେ ସେ ଦିଗରେ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ନେଇ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ସୁବୋଧ ହୋତାଙ୍କୁ ପଚାରିବାରେ କହିଥିଲେ ଯେ, ନିୟମାବଳୀ ଉପରେ କିଛିଟା ସୁଧାର କରାଯାଇଛି। ଆଧାର କାର୍ଡ ଦ୍ୱନ୍ଦ୍ୱକୁ ନେଇ ବିକଳ୍ପ ହୋଇଛି। ଯାହାଙ୍କ ବାପାଙ୍କ ନାଁରେ ଅଧାର କାର୍ଡ ନ ଥିବ ସେଥିରେ ଏନ/ଏ ନାମକ ଏକ ବିକଳ୍ପ ରହିଛି । ଯାହାକୁ ଦର୍ଶାଇ ଚାଷୀ ନିଜ ଆଧାର କାର୍ଡ ଜରିଆରେ ନାମ ପଞ୍ଜୀକରଣ କରିପାରିବେ।

## ୨୦୦୫ ବ୍ୟାଚ୍ ଜିଲା ପରିଷଦ ଶିକ୍ଷକଙ୍କୁ ଏମ୍‌ଏସିପି ପ୍ରଦାନ ଦାବି

**ପଲଶାଗୋରା,୧୬।୩**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକରେ ୨୦୦୫ ମସିହାରେ ଜିଲା ପରିଷଦ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ସମସ୍ତଙ୍କୁ ଏମ୍‌ଏସିପି ଯଥାଶୀଘ୍ର ପ୍ରଦାନ ଦାବିରେ ଏକ ଦାବିପତ୍ର କଣ୍ଟାମାଳ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଜରିଆରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଦିଆଯାଇଛି । ଏ ନେଇ ମଙ୍ଗଳବାର ପଲଶାଗୋରାଠାରେ କଣ୍ଟାମାଳ ବ୍ଲକର ୨୦୦୫ ମସିହାରେ ନିଯୁକ୍ତି ପାଇଥିବା ଜିଲା ପରିଷଦ ଶିକ୍ଷକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ୧୦ବର୍ଷ ଚାକିରୀ ସମ୍ପୂର୍ଣ୍ଣ ହେଲାପରେ ଏମ୍‌ଏସିପି ପ୍ରଦାନ କରାଯିବା କଥା। କିନ୍ତୁ ଏହି ବ୍ୟାଚ୍‌ର ଶିକ୍ଷକମାନଙ୍କ ୧୦ବର୍ଷର ଅବଧି ଚଳିତବର୍ଷ ଫେବୃୟାରୀରେ ସରିଥିଲେ ହେଁ ଏମ୍‌ଏ ସିପି ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ପରେ ସମସ୍ତ ଶିକ୍ଷକଙ୍କ ନିଷ୍ପତ୍ତିକ୍ରମେ ଜିଲା ଶିକ୍ଷାଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ନିରାକାର ସାହୁ, ଶିଶିର ଖଟୁଆ, ଅଶୋକ କୁମାର ମହାନ୍ତି, ସୁରେନ୍ଦ୍ର କୁମାର କମ୍ପ, ସୁଶିଲ କୁମାର ତ୍ରିପାଠୀ, ସୁରୁମୁଖୀ ସେଠୀ, ସରିତା ବାରିକ, ଜନତା କଅଁର, ରତନ ଠେଲା, ପ୍ରଦୀପ କୁମାର କଅଁର, ରାଜେଶ କୁମାର ମହାକୁଡ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ । ଚଳିତମାସ ଶେଷ ସୁଦ୍ଧା ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଆନ୍ଦୋଳନ କରାଯିବ ବୋଲି ଶିକ୍ଷକମାନେ ଚେତାବନୀ ଦେଇଛନ୍ତି ।

# ଟୋକନ ଲାପ୍ସ: ଉଠିପାରିଲାନି ଧାନ

**ଦେଓଗାଁ, ୧୬।୩ (ଡି.ଏନ.ଏ.)**



ବଡବନ୍ଧ ପ୍ୟାକ୍ସରେ ଧାନ ବିକି ପାରି ନ ଥିବା ଚାଷୀ ବ୍ଲକ ଅଧକ୍ଷାଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

■ ମଣ୍ଡିରେ ନଷ୍ଟ ହେବାକୁ ବସିଲାଣି

■ ମଣ୍ଡିରୁ ନେଇ ଅଭାବୀ ଦରରେ ବିକୁଛନ୍ତି ଚାଷୀ

■ ବ୍ଲକ ଅଧକ୍ଷାଙ୍କୁ ଫେରାଦ ହେଲେ

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ବିଭିନ୍ନ ମଣ୍ଡିରେ ଧାନକ୍ରୟ ପାଇଁ ଟାର୍ଗେଟ ସରିଯାଇଛି। ଟୋକନ ଲ୍ୟାପ୍ସ ହୋଇଯିବାରୁ ଏଥିସହ ବହୁ ଚାଷୀ ଧାନବିକ୍ରି କରି ପାରି ନାହାନ୍ତି । ବଡବନ୍ଧ ପ୍ୟାକ୍ସରେ ଧାନବିକ୍ରି କରିପାରୁ ନ ଥିବା ଚାଷୀ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରି ନିରାଶ ହେବାପରେ ମଙ୍ଗଳବାର ପଞ୍ଚାୟତ ସମିତି ଅଧକ୍ଷା ରୀନା ମେହେରଙ୍କୁ ଫେରାଦ ହୋଇଥିଲେ। ଚାଷୀଙ୍କ ଅଭିଯୋଗ ଅନୁସାରେ ଟୋକନ ଲ୍ୟାପ୍ସ ହେବାରୁ ବନିତା ସେଠଙ୍କ ୭୨କୁଇଣ୍ଟାଲ, ଜୟନ୍ତୀ ଗଡତ୍ୟାଙ୍କ ୫୭, ପଞ୍ଚାନନ ପଧାନଙ୍କ ୬୦, ଦାମୋଦର ମେହେରଙ୍କ ୯୫, ସୁଦାମ ମେହେରଙ୍କ ୮୦, ନିଳମଣି ପଧାନଙ୍କ ୨୫, ଜଗବନ୍ଧୁ ମେହେରଙ୍କ ୨୯, ପିତବାସ ମେହେରଙ୍କ ୯୭ ଓ କୃପାସିନ୍ଧୁ ମେହେରଙ୍କ ୪୦କୁଇଣ୍ଟାଲ ଧାନ ବିକ୍ରି ହୋଇ ନ ପାରି ପଡିରହିଛି । ଏ ନେଇ ଜିଲାପାଳଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରାଯିବ ବୋଲି ବ୍ଲକ ଅଧକ୍ଷା ସୂଚନା ଦେଇଛନ୍ତି। ଚଳିତବର୍ଷ ଅଞ୍ଚଳରେ ଧାନ ଉତ୍ପାଦନ ବୃଦ୍ଧି ହୋଇଛି । ତେବେ ପ୍ୟାକ୍ସ ମାନଙ୍କରେ ଟାର୍ଗେଟ ଅଭାବ ଓ ଟୋକନ ଲ୍ୟାପ୍ସ ଆଦି ସମସ୍ୟା ଯୋଗୁଁ ବ୍ଲକର ୧୨ଟି ପ୍ୟାକ୍ସ ମଧ୍ୟରୁ ୭ଟିରେ କେତେକ ଚାଷୀ ଧାନ ବିକ୍ରି ହୋଇ ନ ପାରି ପଡିରହିଛି। ମାସମାସ ଧରି ପ୍ୟାକ୍ସ ପରିସରରେ ଧାନ ପକାଇ ରଖିବା ପରେ ଏବେ କେତେକ ଚାଷୀ ବାଧ ହୋଇ ନିଜ ଧାନକୁ ପ୍ୟାକ୍ସରୁ ଘରକୁ ନେଇଯାଇ ଅଭାବୀ ଦରରେ ବିକି ଦେଉଥିବା ଦେଖାଯାଉଛି । ବ୍ଲକର ଅର୍ଜୁନପୁର ପ୍ୟାକ୍ସ ପରିସରରେ ୬୨ ଚାଷୀଙ୍କ ୬୫୪୨ବସ୍ତା ଧାନ ପଡି ରହିଛି। ଧଣ୍ଡାମାଲ ପ୍ୟାକ୍ସ ପରିସରରେ ୪୮ ଚାଷୀଙ୍କ ୨୧ଶହ ପ୍ୟାକେଟ ପଡିରହିଥିବା ବେଳେ ଏଥିରୁ ଅନେକ ଚାଷୀ ଧାନ ନିଜ ଘରକୁ ନେଇଯାଇଥିବା ପ୍ୟାକ୍ସ ସମ୍ପାଦକ ଭଗବାନ ଗଡତ୍ୟା ସୂଚନା ଦେଇଛନ୍ତି ।

### ଟ୍ରକ୍ ଧକ୍କାରେ କାର୍ ଚାଳକ ଗୁରୁତର

ବେଦବ୍ୟାସ,(ଡି.ଏନ.ଏ): ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଶିଳ୍ପାଞ୍ଚଳରେ ମଙ୍ଗଳବାର ଅପରାହ୍ନ ୩ଟା ବେଳେ ଏକ ଟ୍ରକ ଧକ୍କାରେ କାର ଚାଳକ ସରୋଜ ଡୁଙ୍ଗଡୁଙ୍ଗ (୩୫) ଗୁରୁତର ଆହତ ହୋଇ ଜୟପ୍ରକାଶ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପ୍ରକାଶ ଯେ, ବେଦବ୍ୟାସ ପାର୍ଶ୍ୱରୁ କଲୁଙ୍ଗା ଶିଳ୍ପାଞ୍ଚଳ ଆଡକୁ ଯାଉଥିବା ଏକ କାର (ନଂ ଓଆର୍ ୧୪ ଏସ- ୫୩୦୫)କୁ ଶିଳ୍ପାଞ୍ଚଳର ଏକ ଘରୋଇ କମ୍ପାନୀ ସମ୍ମୁଖରେ ଟ୍ରକ (ନଂ. ଓଡି ୧୪ ଟି- ୮୮୫୧)ଟି ଧକ୍କା ଦେଇଥିଲା। ଫଳରେ କାର ଚାଳକ ଗୁରୁତର ଆହତ ହୋଇଥିଲେ। ଟ୍ରକ ଚାଳକ ଫେରାର ଅଛନ୍ତି। ଏନେଇ ବ୍ରାହ୍ମଣୀତରଙ୍ଗ ଥାନାରେ ନଂ ୫୪/୨୧ରେ ଏକ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ସଫ୍ଟ ବଲ ଓଡ଼ିଶା ଦଳରେ ରାଉରକେଲାରୁ ୩ ଖେଳାଳି

**ରାଉରକେଲା ଅଫିସ,୧୬।୩:** ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ରାଜସ୍ଥାନର ଭରତପୁରଠାରେ ୪୨ତମ ଜାତୀୟ ପୁରୁଷ ଓ ମହିଳା ସଫ୍ଟ ବଲ ପ୍ରତିଯୋଗିତା ଆୟୋଜନ ହେବାକୁ ଯାଉଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ଦଳ ଅଂଶଗ୍ରହଣ କରିବ। ଓଡିଶା ଦଳ ମାର୍ଚ୍ଚ ୧୮ରୁ ଭୁବନେଶ୍ୱରରୁ ରାଜସ୍ଥାନ ଅଭିମୁଖେ ଯାତ୍ରା କରିବ। ଏହି ଦଳରେ ରାଉରକେଲାରୁ ପୁରୁଷ ବର୍ଗରେ ମନୋଜ ନାୟକ ଏବଂ ମହିଳା ବର୍ଗରେ ସସ୍ମିତା ଚାରଦିଆ ଓ କସୀମା ଟିର୍କୀ ସ୍ଥାନ ପାଇଛନ୍ତି। ରାଉରକେଲା ସଫ୍ଟ ବଲ କୋଚ୍ ଆଶିଷ ମହାନ୍ତି ଓ ଅଭିମନ୍ୟୁ ପଣ୍ଡା ଏହି ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏମାନେ ନିଶ୍ଚିତ ଭଲ ପ୍ରଦର୍ଶନ କରି ଜାତୀୟ ଦଳରେ ସ୍ଥାନ ପାଇବେ ବୋଲି ଆଶାବ୍ୟକ୍ତ କରିଛନ୍ତି। ରାଉରକେଲା ସଫ୍ଟ ବଲ ସଂଘ ସଭାପତି ନିଖିଳ କଳାକାର ପ୍ରଧାନ ଓ ସଦସ୍ୟା ସୁଚିତ୍ରା ଦାସ ମଧ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ଦୁର୍ଗା ମାଝି ହତ୍ୟା ଘଟଣା: ପୁଣି ଏକ ଅଙ୍ଗ ଜବତ

**ସୁନ୍ଦରଗଡ,୧୬।୩ (ଡି.ଏନ୍.ଏ.):** ମଙ୍ଗଳବାର ପୋଲିସ ଇବ୍ ନଦୀପଠାଠାରୁ ୨ କିଲୋମିଟର ଦୂରରେ ଥିବା ଏକ ବାହାଲ ଜମିରୁ ଦୁର୍ଗା ମାଝୀଙ୍କ ଶରୀରର ଏକ କଟା ଅଙ୍ଗ ଜବତ କରିଛି। ପୋଲିସ ଏହି ଘଟଣାର ୨ ଅଭିଯୁକ୍ତଙ୍କୁ କୋର୍ଟରୁ ରିମାଣ୍ଡରେ ଆଣି ପଚରାଉଚୁରା ପରେ ଏହି ଅଙ୍ଗ ଉଦ୍ଧାର କରିଥିଲା। ସୁନ୍ଦରଗଡ ସଦର ଥାନା ଅଧୀନ କତବଡେଗା ଗ୍ରାମର ଦୁର୍ଗା ମାଝୀ (୩୦) ହତ୍ୟା ଘଟଣାର ପର୍ଦ୍ଦାଫାଶ କରି ପୋଲିସ ଏଥିରେ ସଂପୃକ୍ତ ନିଜ ସଂପର୍କୀୟ ଭାଇଙ୍କ ସମେତ ୬ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା। ଦୁର୍ଗାଙ୍କୁ ହତ୍ୟା ପରେ ଅଭିଯୁକ୍ତମାନେ ତାଙ୍କ ଶରୀରକୁ ଖଣ୍ଡ ଖଣ୍ଡ କରି ଇବ୍ ନଦୀପଠାର ବିଭିନ୍ନ ସ୍ଥାନରେ ପକାଇଥିବା ବେଳେ ପୋଲିସ ସେସବୁକୁ ଜବତ କରି ତଦନ୍ତ ଚଳାଇଥିଲା। ହେଲେ ଉଦ୍ଧାର ହୋଇ ପାରି ନ ଥିବା ଶରୀରର ଅବଶିଷ୍ଟ ବେକଠୁ ଛାତି ପର୍ଯ୍ୟନ୍ତ ଅଙ୍ଗକୁ ପୋଲିସ ମଙ୍ଗଳବାର ଜବତ କରିଛି।

### ୨୪ ପ୍ରହର ନାମଯଜ୍ଞ

**ଲହୁଣୀପଡା, ୧୬।୩ (ଡି.ଏନ.ଏ):** ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଅନ୍ତର୍ଗତ ରାଜାମୁଣ୍ଡା ପଞ୍ଚାୟତର ଗମଲେଇ ଗ୍ରାମରେ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶନିବାର ଅଧିବାସ ଓ ଘଟସ୍ଥାପନ ଯଜ୍ଞ ହୋଇଥିବା ବେଳେ ରବିବାର, ସୋମବାର, ମଙ୍ଗଳବାର ତିନି ଦିନ ବ୍ୟାପି ନାମଯଜ୍ଞ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଛି। ଏହି ୨୪ ପ୍ରହର ନାମଯଜ୍ଞରେ କର୍ତ୍ତା ଭାବେ ବିଭୁତି ପତି ଓ ସୁକନ୍ୟା ପତି ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ବସନ୍ତ ମିଶ୍ର, ଯୋଗେନ୍ଦ୍ର ପତି, ଆର. ପତି ନାମଯଜ୍ଞ ସଞ୍ଚାଳନ କରିଥିଲେ। ଏଥିରେ ସମ୍ବଲପୁର ଜିଲାର ବାଉରିଗୁଡା, କୁଚିଣ୍ଡା ଅଞ୍ଚଳର ପତ୍ରାପାଲିର କୀର୍ତ୍ତନ ମଣ୍ଡଳୀ ସମେତ ଝାରବେଡା, ତୁରାମୁରା, ଉପରପଡା, ଶିହିଡିହା, ଜକେଇକଳା, ନରେନ୍ଦ୍ର, ବାଉରକଳା, ସାତକୁଟା, ଦର୍ଜିଂ, ପଣ୍ଡୁଆ, ଗୋବିନ୍ଦପୁର ପ୍ରଭୃତି ଗ୍ରାମର କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ କରିଥିଲେ। ବିରଞ୍ଚି ନାରାୟଣ ସାହୁ, ବିଭୁତି ଭୂଷଣ ପାଢ଼ୀ, ପରମେଶ୍ୱର ସାହୁ, ରାଜେଶ ମିଶ୍ର, ତପନ ସାହୁ, ଲୁଲୁ ପତି, ରଥ ସାହୁ, ମୋତିଲାଲ ପାଢ଼ୀ, ଚକ୍ରଧର ସାହୁ, ଯୁଗଳ ପାଢ଼ୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାମଯଜ୍ଞ ପରିଚାଳିତ ହୋଇଥିବା ବେଳେ ବୁଧବାର ପୂର୍ଣ୍ଣାହୁତି ଓ ନଗରକୀର୍ତ୍ତନ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

# ତେଜିଲା ହସ୍ପିଟାଲ ରାଜନୀତି

ଆସନ୍ତା ୨୧ ତାରିଖରେ ଲୋକାର୍ପିତ ହେବାକୁ ଯାଉଛି ବହୁ ପ୍ରତୀକ୍ଷିତ ରାଉରକେଲା ଆଇଜିଏଚ୍ ସୁପର ସ୍ପେଶାଲିଟି ହସ୍ପିଟାଲ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହାକୁ ଜାତି ଉଦ୍ଦେଶ୍ୟରେ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି। ୨ଶହ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ ନିର୍ମାଣରେ ପ୍ରାୟ ୨୯୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ତେବେ ହସ୍ପିଟାଲ ଲୋକାର୍ପଣ ପୂର୍ବରୁ ରାଉରକେଲା ରାଜନୀତି ସରଗରମ ହୋଇଛି। ବିଭିନ୍ନ ରାଜନୈତିକ ଦଳ ଉକ୍ତ ହସ୍ପିଟାଲର ସ୍ଥିତିକୁ ନେଇ ଆଲୋଚନା ସମାଲୋଚନା କରୁଥିବା ବେଳେ ଏଥିରେ ରାଜନୀତି ନ କରିବାକୁ ଭାଜପା କହିଛି।

## ହସ୍ପିଟାଲ ସ୍ଥିତି ସ୍ପଷ୍ଟ କର: କଂଗ୍ରେସ


ଖବରଦାତା ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

**ରାଉରକେଲା ଅଫିସ,୧୬।୩**

ସ୍ଥାନୀୟ କଂଗ୍ରେସ ଭବନଠାରେ ଜିଲା କଂଗ୍ରେସ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଜର୍ଜ ତିର୍କୀ ସୁପର ସ୍ପେଶାଲିଟି ହସ୍ପିଟାଲର ବର୍ତ୍ତମାନର ସ୍ଥିତିକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, ହସ୍ପିଟାଲ ପରିଚାଳନା ପାଇଁ ବିଧିବଦ୍ଧ ଭାବେ ସରକାରଙ୍କ ତରଫରୁ କୌଣସି ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ଏହାର ପରିଚାଳନା ଏକ ଟ୍ରଷ୍ଟ ଜରିଆରେ ହେବ ଓ ଆର୍ଏସ୍‌ପି ଏଥିପାଇଁ ଅର୍ଥ ଉପଲବ୍ଧ କରାଇବ ବୋଲି ଆଲୋଚନା ହେଉଛି, ଯାହାକି ସହରବାସୀଙ୍କୁ ମର୍ମାହତ କରିଛି। ଆର୍ଏସ୍‌ପି ଆଇଜିଏଚ୍‌କୁ ଆବଶ୍ୟକ ଅର୍ଥ ପ୍ରଦାନ କରି ଠିକ୍ ଭାବେ ପରିଚାଳନା କରିପାରୁ ନ ଥିବା ବେଳେ ଏହି ସୁପର ସ୍ପେଶିଆଲିଟି ହସ୍ପିଟାଲକୁ ପରିଚାଳନା ପାଇଁ ଅର୍ଥ କେଉଁଠାରୁ ପାଇବ ବୋଲି ତିର୍କୀ କହିଛନ୍ତି। ରାଜ୍ୟ ସରକାର ଏହି ସୁପର ସ୍ପେଶାଲିଟି ହସ୍ପିଟାଲକୁ ରାଜ୍ୟର ଦ୍ୱିତୀୟ ଏମ୍ସ ଶାଖା କରିବା ପାଇଁ ଭାରତ ସରକାରଙ୍କୁ ପ୍ରସ୍ତାବ ଦେବାକୁ ସେ ଦାବି କରିଛନ୍ତି। ପୂର୍ବତନ ଜିଲା ସଭାପତି ବିରେନ ସେନାପତି, କଂଗ୍ରେସ ନେତା ପ୍ରଶାନ୍ତ ସେଠୀ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଦାନ, ପୂର୍ବତନ କାର୍ଯ୍ୟକାରୀ ସଭାପତି ସବୀର ହୁସେନ, ଓବିସି ଅଧ୍ୟକ୍ଷ କୈଳାସ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜନୀତି କରା ନ ଯାଉ: ଭାଜପା

**ରାଉରକେଲା ଅଫିସ,୧୬।୩**

୨୦୧୫ ଏପ୍ରିଲ ୧ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଉରକେଲା ଗସ୍ତରେ ଆସି ୨ଟି ବଡ ପ୍ରକଳ୍ପ ନିର୍ମାଣ ପାଇଁ ଘୋଷଣା କରିଥିଲେ। ତନ୍ମଧ୍ୟରୁ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଓ ରାସ୍ତା କାର୍ଯ୍ୟ ଦ୍ରୁତଗତିରେ ଚାଲିଥିବା ବେଳେ ଆଇଜିଏଚ୍ ପରିସରରେ ସୁପର ସ୍ପେଶାଲିଟି ହସ୍ପିଟାଲର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ରାଉରକେଲାବାସୀଙ୍କ ତରଫରୁ ଭାଜପା କୃତଜ୍ଞତା ଜଣାଇଛି। ଆସନ୍ତା ୨୧ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଏହି ହସ୍ପିଟାଲକୁ ଲୋକାର୍ପଣ କରିବାକୁ ଆସୁଥିବାରୁ ତାଙ୍କୁ ମଧ୍ୟ ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ତେବେ ବିଭିନ୍ନ ରାଜନୈତିକ ଦଳ ଉକ୍ତ ହସ୍ପିଟାଲକୁ ନେଇ ଯେଉଁ ଅପପ୍ରଚାର କରୁଛନ୍ତି ତାହା ରାଉରକେଲାବାସୀ କେବେ ଗ୍ରହଣ କରିବେ ନାହିଁ ବୋଲି ଭାଜପା ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛି। ସୁପର ସ୍ପେଶାଲିଟି ହସ୍ପିଟାଲକୁ ନେଇ ରାଜନୀତି ନ କରିବାକୁ ଭାଜପା ନେତା ପ୍ରମିଳା ସୁନା, ନିହାର ରାୟ, ଧୀରେନ ସେନାପତି ଏବଂ ଗଙ୍ଗାଧର ଦାସ ପ୍ରମୁଖ କହିଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

### ମୃତଦେହ ଜବତ: ହତ୍ୟା ଅଭିଯୋଗ

**ରାଜଗାଙ୍ଗପୁର,୧୬।୩(ଡି.ଏନ.ଏ)**

ରାଜଗାଙ୍ଗପୁର ଥାନା ଅନ୍ତର୍ଗତ ବୁଢ଼ାମ୍ବ ପଞ୍ଚାୟତର ଚଢ଼ାଉପଡାରୁ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗି ରହିଛି। ପ୍ରକାଶ ଯେ, ଉକ୍ତ ଗ୍ରାମରେ ଭାଦୁଆ ଲାକ୍ରା (୪୫) ନିଜ ସ୍ତ୍ରୀ ଓ ୪ ପିଲାଙ୍କ ସହ ରହୁଥିଲେ। ସୋମବାର ସକାଳେ ଜମିବାଡିକୁ କେନ୍ଦ୍ର କରି ଭାଦୁଆ ଓ ତାଙ୍କ ବଡ ଭାଇଙ୍କ ମଧ୍ୟରେ ବଚସା ହୋଇଥିଲା। ଏହି ସମୟରେ ତାଙ୍କୁ ହତ୍ୟା ଧମକ ଦିଆଯାଇଥିଲା। ତେବେ ସେହିଦିନ ରାତ୍ରି ପ୍ରାୟ ୧୦ଟା ସମୟରେ ସେ ଶୋଇଥିବା ବେଳେ ୨ ଜଣ ବ୍ୟକ୍ତି ଆସି ଭାଦୁଆଙ୍କୁ ଡାକି ନେଇଯାଇଥିଲେ। ଦୀର୍ଘ ସମୟ ଧରି ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ଅର୍ଚ୍ଚରିଆ ଖୋଜିବାକୁ ଯାଇ ଘର ଠାରୁ କିଛି ଦୂରରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡି ରହିଥିବା ଦେଖିବାକୁ ପାଇଥିଲେ। ଏ ନେଇ ସ୍ଥାନୀୟ ସରପଞ୍ଚ ଦାଲୋ ମିଞ୍ଜଙ୍କୁ ଜଣାଯିବା ପରେ ସରପଞ୍ଚ ଥାନାଧିକାରୀଙ୍କୁ ଜଣାଇଥିଲେ। ଥାନାଧିକାରୀ ଗୋକୁଳାନନ୍ଦ ସାହୁ ମଙ୍ଗଳବାର ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତକଙ୍କ ସ୍ତ୍ରୀ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରି ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଦାବି କରିଛନ୍ତି।

## ରାଜ୍ୟ ବଡି ବିଲ୍ଡିଂରେ ସଫଳତା ଆଣିଲେ ଦୁଇ ମହିଳା

**ରାଉରକେଲା ଅଫିସ,୧୬।୩**




ଭୁବନେଶ୍ୱର କୋରାପୁଟ ଭବନରେ ଗତ ୧୨ ଓ ୧୩ ତାରିଖ ଦୁଇଦିନ ଧରି ପୁରୁଷ ଓ ମହିଳା ବଡ଼ି ବିଲ୍ଡିଂ ରାଜ୍ୟ ପ୍ରତିଯୋଗିତା ଶେଷ ହୋଇଛି। ରାଉରକେଲା ପୁରୁଷ ଓ ମହିଳା ଦଳ ଏଥିରେ ଅଂଶଗ୍ରହଣ କରିଥିଲେ। ପୁରୁଷ ଦଳ ସେଭଳି ଆଖିଦୃଶିଆ ପ୍ରଦର୍ଶନ କରି ନ ଥିଲେ। କିନ୍ତୁ ମହିଳା ଫିଜିକ ଏଣ୍ଡ ବଡି ଶୋରେ ରାଉରକେଲାର ଦୁଇ ମହିଳା ରୀନା ଭୂୟାଁ ଓ ରେଣୁକା ପୂରଣ ପ୍ରଥମ ଥର ପାଇଁ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୪ର୍ଥ ଓ ୫ମ ସ୍ଥାନ ଅଧିକାର କରି ରାଉରକେଲା ପାଇଁ ଗୌରବ ଆଣିଛନ୍ତି। କୋଚ୍ ଦୀପକ ବେହେରା ଏହି ଦୁଇ ମହିଳାଙ୍କୁ ୬ ମାସ ହେଲା ପ୍ରଶିକ୍ଷଣ ଦେଉଥିଲେ। ୬ ମାସରେ ଏଭଳି ସଫଳତା ଆଗାମୀ ଦିନ ପାଇଁ ଅତ୍ୟନ୍ତ ଶୁଭଙ୍କର ଓ ଭବିଷ୍ୟତରେ ଏହି ଦୁଇ ମହିଳା ଅନ୍ୟ ମହିଳାଙ୍କ ପାଇଁ ପ୍ରେରଣା ସାଜିବେ ବୋଲି ସୁନ୍ଦରଗଡ଼ ଆମେଚର ବଡ଼ି ବିଲ୍ଡିଂ ସଂଘ ସମ୍ପାଦକ ବିରଞ୍ଚି ନାରାୟଣ ମିଶ୍ର ଓ ଉପସଭାପତି ବିଜୟ ବଡାଇକ କହିଛନ୍ତି। କୋଭିଡ କଟକଣାରେ ଘରୁ ବାହାରି ଅଭ୍ୟାସ କରି ଏଭଳି ସଫଳତା ପାଇଥିବାରୁ ଖୁସି ଲାଗୁଛି ବୋଲି ଦୁଇ ମହିଳା କହିଛନ୍ତି। ସେମାନେ ସଫଳତାର ଶ୍ରେୟ ନିଜ ପରିବାର, କୋଚ୍ ଓ ସୁନ୍ଦରଗଡ଼ ଆମେଚର ବଡି ବିଲ୍ଡିଂ ସଂଘକୁ ଦେଇଛନ୍ତି। ଆଗାମୀ ଦିନରେ ଏହି ଦୁଇ ମହିଳା ଖେଳାଳିଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ସଂଘ ସମ୍ପାଦକ ମିଶ୍ର କହିଛନ୍ତି।

### ଜୁନିୟର ରେଡ୍‌କ୍ରସ୍ ତାଲିମ ଶିବିର

**କୁତ୍ରା,୧୬।୩ (ଡି.ଏନ.ଏ.)**

ଭାରତୀୟ ରେଡକ୍ରସ ଓଡିଶା ରାଜ୍ୟ ଶାଖା ଆନୁକୂଲ୍ୟରେ କୁତ୍ରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ୫ ଦିନିଆ ଜୁନିୟର ରେଡକ୍ରସ ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୁତ୍ରା ବିଇଓ ଗୁରୁଚରଣ ସାହୁ ଯୋଗ ଦେଇଥିଲେ। ଏହି ଅବସରରେ ଜୁନିୟର ରେଡକ୍ରସ ସମ୍ପାଦିକା ସଂଯୁକ୍ତା ବହିଦାର ବିବରଣୀ ପାଠ କରିବା ସହ ଏହି ଶିବିର ଜାତୀୟ ସ୍ତରର ହୋଇଥିବା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ପ୍ରଶିକ୍ଷକ ଗିରିଜା ଶଙ୍କର ପଟେଲ, ଅପର୍ଣ୍ଣା ସାହୁ, ପ୍ରଦୀପ ସାହୁ ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରଧାନଶିକ୍ଷକ ନଳିନୀକାନ୍ତ ଶାସନୀ ସ୍ୱାଗତ ଭାଷଣ ଦେଇଥିଲେ। ଶିବିରରେ ପ୍ରଶିକ୍ଷାର୍ଥୀମାନଙ୍କୁ ଯୋଗ, ପ୍ରାଣାୟାମ, ସଡକ ସୁରକ୍ଷା, ପରିବେଶ ସୁରକ୍ଷା, ଶିଶୁ ସୁରକ୍ଷା ଆଦି ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଅନିଲ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଗିରଫ ସଂଖ୍ୟା ୨୫ରେ ପହଞ୍ଚିଲା

**ସୁନ୍ଦରଗଡ, ୧୬।୩ (ଡି.ଏନ୍.ଏ.)**

- ଗାଁ ମଝିରେ କୋଇଲା ପରିବହନକୁ ବିରୋଧ
- ଆନ୍ଦୋଳନକାରୀଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ
- ୫୫ ମହିଳାଙ୍କ ନାମରେ ମାମଲା
- ୧୭ ସ୍କୁଲ ପିଲାଙ୍କୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଆଲୋଚନା କରି ଥାନାରୁ ଛାଡିଲେ

ହେମଗିର ବ୍ଲକ ବସୁନ୍ଧରା କୋଇଲା ଖଣିରୁ ବାଙ୍କୀବାହାଲ -ଟପରିଆ ରାସ୍ତାରେ ପଡୋଶୀ ଛତିଶଗଡକୁ ଗାଁ ମଝିରେ କୋଇଲା ପରିବହନକୁ ବିରୋଧ କରି ଆନ୍ଦୋଳନ ଚଳାଇଥିବା ଆନ୍ଦୋଳନକାରୀଙ୍କ ଉପରେ ପୋଲିସ ଓ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଗତ ୧୨ ତାରିଖ ଦିନ ଆନ୍ଦୋଳନର ଦ୍ୱିତୀୟ ପର୍ଯ୍ୟାୟରେ କନ୍ଦାଧୁଡାଠାରେ ଆନ୍ଦୋଳନକାରୀମାନେ ଏମସିଏଲର କୋଇଲା ବୋଝେଇ ଟ୍ରକ ଚଳାଚଳକୁ ବିରୋଧ କରି ଧାରଣାରେ ବସି ରହିଥିଲେ। ତେବେ ସୋମବାର ପୋଲିସ ବଳପୂର୍ବକ ଶତାଧିକ ମହିଳା ପୁରୁଷ ଓ ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ଉଠାଇ ନେଇଥିଲା। ସେମାନଙ୍କ ମଧ୍ୟରୁ ରାତିରେ ୧୨ଜଣ ମହିଳା ଓ ୧୨ଜଣ ପୁରୁଷ ଙ୍କୁ ସୁନ୍ଦରଗଡ କୋର୍ଟକୁ ଚାଲାଣ କରିଥିଲା। ଏହାର ପ୍ରତିବାଦରେ ଆନ୍ଦୋଳନକାରୀମାନେ ପୁଣି ରତନପୁରଠାରେ ଧାରଣା ଦେବା ସହ ଗିରଫ ଆନ୍ଦୋଳନକାରୀଙ୍କୁ ଖଲାସ ଦାବିରେ ମଙ୍ଗଳବାର ହେମଗିର ଥାନା ଆଗରେ ଧାରଣା ଦେଇଥିଲେ। ଏହି ସମୟରେ ପୋଲିସ ସାମାଜିକ କର୍ମୀ ସୁରୁ ମିଶ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଫଳରେ ଏହି ଘଟଣାରେ ଗିରଫ ସଂଖ୍ୟା ୨୫ରେ ପହଞ୍ଚି ଥିବା ବେଳେ ପୋଲିସ ୫୫ ଜଣ ମହିଳାଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି ପରେ ୪୧(କ) ସିଆରପିସି ରେ ଥାନାରୁ ଛାଡି ଦେଇଥିଲା। ସେହିପରି ଥାନାରେ ଅଟକ ରଖାଯାଇଥିବା ୧୭ଜଣ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବନ୍ତ ଜେନା ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ଛାଡି ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ପୋଲିସ ଏହି ଘଟଣାରେ ହେମଗିର ଥାନାରେ କେଶ ନଂ ୬୨ , ୬୩ ଓ ୬୪ ରେ ୩ଟି ପୃଥକ ମାମଲା ରୁଜୁ କରିଛି। ପୋଲିସର ଏଭଳି କାର୍ଯ୍ୟାନୁଷ୍ଠାନକୁ ଶ୍ରମିକ ନେତା ଆଡଭୋକେଟ ଅଶୋକ କୁମାର ଦାଶ ,ସାମାଜିକ କର୍ମୀ ଶାନ୍ତନୁ କୁସୁମଙ୍କ ସମେତ ବିଭିନ୍ନ ମହଲରେ ତୀବ୍ର ନିନ୍ଦା କରାଯାଇଛି।

## ପରିମଳ ବାହନ, ବଜାର ଗୃହ ଉଦ୍‌ଘାଟନ

**ରାଜଗାଙ୍ଗପୁର, ୧୬।୩ (ଡି.ଏନ.ଏ)**


ସୁନ୍ଦରଗଡ ଜିଲାପାଳ ପରିମଳ ଯନ୍ତ୍ରାଂଶକୁ ଲୋକାର୍ପଣ କରୁଛନ୍ତି।

ସୁନ୍ଦରଗଡ ଜିଲାପାଳ ନିଖିଳ ପବନ କଲ୍ୟାଣ ରାଜଗାଙ୍ଗପୁର ପୌର ପରିଷଦରେ ପରିମଳ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ୧୧ଟି ବିଭିନ୍ନ ପ୍ରକାର ପରିମଳ ଭିତ୍ତିକ ଯନ୍ତ୍ରାଂଶ ମଙ୍ଗଳବାର ଉଦ୍‌ଘାଟନ କରି ଲୋକାର୍ପଣ କରିଛନ୍ତି। ଏହି ଯନ୍ତ୍ରାଂଶ ମଧ୍ୟରେ ବ୍ୟାଟେରି ଦ୍ୱାରା ଚାଳିତ ୧୦ଟି ପରିମଳ ବାହନ, ୫ଟି ଟ୍ରଲି ଲାଗିଥିବା ଟ୍ରାକ୍ଟର, ୩ଟି ସ୍ୱୟଂ ଚାଳିତ ଟିପ୍ପର, ଗୋଟିଏ ଜେସିବି, ଗୋଟିଏ ରାସ୍ତା ସଫା କରିବା ବାହନ, ୨ଟି ଭାକ୍ୟୁମ୍ କ୍ଲିନର ଆଦି ରହିଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ବିଶ୍ୱଜିତ ମହାପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୀୟୁଷ ଲୋହାର, ଡା. ଐଶ୍ୱର୍ଯ୍ୟ ପାଣିଗ୍ରାହୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହିଥିଲେ। ଏହି ପରିମଳ ଯନ୍ତ୍ରାଂଶଗୁଡିକୁ ଚଳାଇବା ପାଇଁ ୭ଜଣ ଓ ଏସଏଚଜି ଗ୍ରୁପର ୩ଜଣ ମହିଳାଙ୍କୁ ନିୟୋଜିତ କରାଯାଇଛି। ଏହି ପରିମଳ ବ୍ୟବସ୍ଥା ଗ୍ରୀନ ଇନୋଭେଟିଭ ପ୍ରାଇଭେଟ ଲିମିଟେଡ ଦ୍ୱାରା ପରିଚାଳିତ ହେବ ଏବଂ ଉକ୍ତ ପରିମଳ ଯନ୍ତ୍ରାଂଶ ଜିଲା ଖଣିଜ ପାଣ୍ଠିରୁ କ୍ରୟ କରାଯାଇଥିବା ଜଣାପଡିଛି। ସେହିପରି କେସରାମାଲ ପଞ୍ଚାୟତରେ ୨୦ ଲକ୍ଷ ବ୍ୟୟ ଅଟକଳରେ ୫ମ ଏସଏଫସି ପାଣ୍ଠିରୁ ନିର୍ମିତ ଏକ ବଜାର ଗୃହକୁ ଜିଲାପାଳ ଉଦ୍‌ଘାଟନ କରି ଲୋକାର୍ପିତ କରିଥିଲେ। ଏହି ଅବସରରେ ରାଜଗାଙ୍ଗପୁର ବ୍ଲକ ଅଧ୍ୟକ୍ଷ ବସନ୍ତ ଟପ୍ପୋଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟମାନେ ଉପସ୍ଥିତ ରହିଥିଲେ।

## ହୋଲ୍‌ଡିଂ ଟିକସ ବୃଦ୍ଧି ପ୍ରତିବାଦରେ କଂଗ୍ରେସର ଧାରଣା

**ରାଜଗାଙ୍ଗପୁର,୧୬।୩ (ଡି.ଏନ.ଏ)**


ପୌର ପରିଷଦ କାର୍ଯ୍ୟାଳୟ ଆଗରେ କଂଗ୍ରେସ କର୍ମୀମାନେ ଧାରଣା ଦେଇଛନ୍ତି।

ସହରରେ ହୋଲ୍ଡିଂ ଟ୍ୟାକ୍ସ ବୃଦ୍ଧି ଓ ଉଠା ଦୋକାନୀଙ୍କ ଠାରୁ ଅଧିକ କର ଆଦାୟ ପ୍ରତିବାଦରେ କଂଗ୍ରେସ ପକ୍ଷରୁ ରାଜଗାଙ୍ଗପୁର ପୌର ପରିଷଦ କାର୍ଯ୍ୟାଳୟ ଆଗରେ ମଙ୍ଗଳବାର ଧାରଣା ଦିଆଯାଇଥିଲା। ଟାଉନ କଂଗ୍ରେସ ସଭାପତି ଇଫ୍‌ତେକାର ଅହମ୍ମଦ (ପାକା ବାବୁ)ଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଧାରଣାରେ ବସିଥିଲେ। ଏହି ଅବସରରେ କଂଗ୍ରେସ କର୍ମୀଙ୍କ ପକ୍ଷରୁ ସୁନ୍ଦରଗଡ ଜିଲାପାଳ ନିଖିଳ ପବନ କଲ୍ୟାଣଙ୍କୁ ଏକ ସ୍ମାରକପତ୍ର ଦିଆଯାଇଥିଲା। ଜିଲାପାଳ ଏ ନେଇ ବିହିତ ପଦକ୍ଷେପ ନିଆଯିବା ସହ ଖୁବଶୀଘ୍ର ତାଙ୍କ କାର୍ଯ୍ୟାଳୟରୁ ନିର୍ଦ୍ଦେଶ ଜାରି ହେବ ବୋଲି କହିବା ପରେ କଂଗ୍ରେସ କର୍ମୀମାନେ ଧାରଣାରୁ ଓହରି ଯାଇଥିଲେ। ଧାରଣାରେ କଂଗ୍ରେସର ଦେବରଞ୍ଜନ ବିନୋଦ, ପ୍ରଫୁଲ୍ଲ କୁମାର ଉପାଧ୍ୟାୟ, ଇକବାଲ ଅହମ୍ମଦଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## କନ୍ୟା ସନ୍ତାନଙ୍କ ଅନୁପାତ ବୃଦ୍ଧି ଉପରେ ଗୁରୁତ୍ୱ

**ସୁନ୍ଦରଗଡ,୧୬।୩(ଡି.ଏନ୍.ଏ)**


ବୈଠକରେ ଉପସ୍ଥିତ ଜିଲାପାଳ ଓ କମିଟି ସଦସ୍ୟ ବୃନ୍ଦ।

ଲିଙ୍ଗ ନିରୂପଣ ନିଷିଦ୍ଧ ଆଇନ୍ ଜିଲା ପରାମର୍ଶଦାତା କମିଟି ଓ ଟାସ୍କ ଫୋର୍ସ କମିଟିର ବୈଠକ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲାପାଳ ଜିଲାରେ କନ୍ୟା ସନ୍ତାନଙ୍କ ଅନୁପାତ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମାତୃଜ୍ୟୋତି କାର୍ଯ୍ୟକ୍ରମ ମାଧ୍ୟମରେ ବେସରକାରୀ ଅଲଟ୍ରା ସାଉଣ୍ଡକେନ୍ଦ୍ରଗୁଡିକରେ ଗର୍ଭବତୀ ମାଆମାନେ କିପରି ଅଲଟ୍ରା ସାଉଣ୍ଡ ସେବା ପାଇ ପାରିବେ ସେ ସଂପର୍କରେ ଆଲୋଚନା କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସରୋଜ କୁମାର ମିଶ୍ର ଗୋଟିଏ ଅଲଟ୍ରା ସାଉଣ୍ଡ କେନ୍ଦ୍ରର ପଞ୍ଜୀକରଣ ଏବଂ ଅନ୍ୟ ଏକ ନବୀକରଣ ରିପୋର୍ଟ ଉପସ୍ଥାପନ କରିଥିଲେ। ସବିଶେଷ ଆଲୋଚନା ପରେ ଉକ୍ତ କେନ୍ଦ୍ରଗୁଡିକ ପଞ୍ଜୀକରଣ ଏବଂ ନବୀକରଣ ପାଇଁ ଅନୁମୋଦନ କରାଯାଇଥିଲା। ଏହାଛଡା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପ୍ରଫୁଲ୍ଲ କୁମାର ନାୟକ ଜିଲାରେ ପାଳନ କରାଯାଇଥିବା ଜାତୀୟ ଶିଶୁକନ୍ୟା ଦିବସ ଏବଂ ଆନ୍ତର୍ଜାତୀୟ ମହିଳା ଦିବସ ମାଧ୍ୟମରେ ସୃଷ୍ଟି କରାଯାଇଥିବା ଜନସଚେତନତା ସମ୍ପର୍କିତ ବିବରଣୀ ପ୍ରଦାନ କରିଥିଲେ। ଜିଲା ସାମାଜିକ କଲ୍ୟାଣ ଅଧିକାରୀ, ଆଡଭୋକେଟ ସ୍ନେହଲତା ପଟେଲ, ଅତିରିକ୍ତ ଏସପି ରବିନାରାୟଣ ବାରିକ, ଜାତୀୟ ସ୍ୱାସ୍ଥ୍ୟ ମିଶନର ଡିପିଏମ୍ ଦୀପକ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପିସିଏଣ୍ଡ ପିଏନଡିଟି ଆକ୍ଟର ସହକାରୀ ପରିଚାଳକ ବୁଦ୍ଧରଞ୍ଜନ ଭୋଇ ବୈଠକ ପରିଚାଳନା କରିଥିଲେ।

## ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

କୋକସରା: ମଙ୍ଗଳବାର ଭାଲୁ ଆକ୍ରମଣରେ ଦନିଧର ପାଲି (୬୫) ନାମକ ବୃଦ୍ଧ ଗୁରୁତର ହୋଇଛନ୍ତି। ଘଟଣା ଘଟିଛି କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁର୍ସେଲଗୁଡା ଗ୍ରାମରେ। ମଙ୍ଗଳବାର ଭୋରେ ଦନିଧର ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇଥିବାବେଳେ ଭାଲୁ ଆକ୍ରମଣରେ ଲହୁଲୁହାଣ ହୋଇଥିଲେ। ବୃଦ୍ଧଙ୍କ ଚିତ୍କାର ଶୁଣି ସ୍ଥାନୀୟ କେତେକ ଲୋକ ତାଙ୍କୁ ଉଦ୍ଧାର କରି ବନ ବିଭାଗ କର୍ମଚାରୀଙ୍କୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଓ ପରିବାରବର୍ଗ ବୃଦ୍ଧଙ୍କୁ କୋକସରା ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗାଁପାଖ ସାହାଜଖୋଲ ଜଙ୍ଗଲରୁ ଭାଲୁ ଆସିଥିବା ଜଣାପଡ଼ିଛି।

## ଆଜି କ'ଣ କେଉଁଠି

ବଲାଙ୍ଗୀର
- ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନ ପକ୍ଷରୁ ସାଇକଲ ରାଲି ଉଦ୍‌ଘାଟନ,
- ଗାନ୍ଧୀଭବନ ସମ୍ମୁଖ, ସକାଳ ୭ଟା।
- ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି-ଓଡିଶା କୃଷକ ଅଧିକାର ଯାତ୍ରା ସ୍ୱାଗତ ସମାରୋହ, ଯାଦବ ଭବନ, ପୂର୍ବାହ୍ନ ୧୦ଟା

## ସଂକ୍ଷେପରେ

### ନୂଆପଡ଼ାର ମୁଖ୍ୟ ସମସ୍ୟାକୁ ଉପେକ୍ଷା

**ନୂଆପଡା ଅଫିସ, ୧୬।୩:** ଗତ ୧୦ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆପଡା ଗସ୍ତରେ ଆସି ଜିଲାର ବିକାଶ ପାଇଁ ୪ ହଜାର କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ ସହ ଶିଳାନ୍ୟାସ କରିଛନ୍ତି। ଜିଲାବାସୀଙ୍କ ଅନେକ ଆଶା ଓ ସ୍ୱପ୍ନ ସଞ୍ଚାର କରିଥିଲେ। କିନ୍ତୁ ଏହି ଗସ୍ତ କାର୍ଯ୍ୟକ୍ରମ ପରେ ଜିଲାବାସୀ ପ୍ରତାରିତ ଅନୁଭବ କରିଛନ୍ତି। ଜିଲାରେ ଦାଦନ ଏକ ବଡସମସ୍ୟା। ଏଠାରେ ବିସ୍ଥାପନ, ନିୟୋଜନ, ଦୁର୍ଦ୍ଦଶାଗ୍ରସ୍ତ ଚାଷୀ, ପର୍ଯ୍ୟଟନ, ରେଳ ଲାଇନ, ଖଡିଆଳକୁ ସବଡିଭିଜନ ଉପରେ ପଦଟିଏ ମୁଖ୍ୟମନ୍ତ୍ରୀ କହିଲେ ନାହିଁ। ରଙ୍ଗିନ ସ୍ୱପ୍ନ ଦେଖାଇ ଆଡମ୍ବରପୂର୍ଣ୍ଣ ଗସ୍ତ କାର୍ଯ୍ୟକ୍ରମ ନୂଆପଡା ଜିଲାବାସୀଙ୍କ ପାଇଁ ଧୂଆଁବାଣ ବୋଲି ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ନୂଆପଡା ଆବାହକ ଯଦୁମଣି ପାଣିଗ୍ରାହୀ ଏକ ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ନୂଆପଡା ଜିଲାର ସୀମା ସୁରକ୍ଷିତ ନାହିଁ। ଛତିଶଗଡ ବାରମ୍ବାର ପଶି ଆସୁଛି। ପର୍ଯ୍ୟଟନର ସମ୍ଭାବନା ଅଛି। ତାହା ମଧ୍ୟ ଘୋଷଣା ହେଲାନାହିଁ। ବିକାଶର ଫର୍ଦ୍ଦ ଯୋଡିବା ପାଇଁ ଆସି ବିକାଶରେ ବାଧକ ସାଜିଥିବା ବିଭିନ୍ନ ପ୍ରସଙ୍ଗ ଓ ମୁଖ୍ୟ ବିନ୍ଦୁକୁ ସ୍ପର୍ଶ କଲେ ନାହିଁ। ଏହି ଗସ୍ତ ଜିଲାବାସୀଙ୍କ ପାଇଁ ଏକ ଧୂଆଁବାଣ ବୋଲି ପାଣିଗ୍ରାହୀ କହିଛନ୍ତି। ଆଗାମୀ ଦିନରେ ଏହି ପ୍ରସଙ୍ଗକୁ ନେଇ ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଲୋକଙ୍କ ପାଖକୁ ଯାଇ କେମିତି ସେମାନଙ୍କୁ ପ୍ରତାରିତ କରାଯାଇଛି ବୁଝାଇବ ଓ ଆଗାମୀ ଦିନରେ ଜିଲାବାସୀ ଉଚିତ ଜବାବ ଦେବ ବୋଲି ପାଣିଗ୍ରାହୀ କହିଛନ୍ତି। ଜିଲାରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। ଯୋଜନା ଉପରେ ଯୋଜନା ଚାଲିଛି। ଜିଲାବାସୀଙ୍କ କୌଣସି ଅସୁବିଧା ନାହିଁ। ଲୋକେ ମୋଟା ଅଙ୍କର ଟଙ୍କା ପ୍ରଲୋଭନରେ ପଡି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛନ୍ତି ବୋଲି ବିଧାୟକ ରାଜେନ୍ଦ୍ର ଢୋଲକିଆ କହିଛନ୍ତି।

### ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ପୁନର୍ଗଠନ

**ଜୁନାଗଡ, ୧୬।୩ (ଡି.ଏନ.ଏ.):** କଳାହାଣ୍ଡି ଜିଲା ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ଏକ ବୈଠକ ଗୁଗୁଲ ମିଟ୍ ମାଧମରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସଭାପତି ଅଜୟ କୁମାର ସାହୁ ଅଧକ୍ଷତା କରିଥିଲେ। ଆରମ୍ଭରେ ୨୦୧୩ କ୍ୟାଡରର ୯୯ଜଣ ଶିକ୍ଷୟିତ୍ରୀ/ଶିକ୍ଷକ ନିୟମିତ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜଣାଯାଇଥିଲା। ପୂର୍ବତନ ସଭାପତି ଅଜୟ ସାହୁଙ୍କ ମାର୍ଗଦର୍ଶନ ତଥା ସାମ୍ବିଧାନିକ ନିୟମ ଆଧାରରେ ନୂତନ କାର୍ଯ୍ୟକର୍ତ୍ତା ଚୟନ ହୋଇଥିଲା। ଏଥିରେ ନୂତନ ସଭାପତି ଭାବେ ଅକ୍ଷୟ କୁମାର ସତନାମି, ଉପସଭାପତି ସଞ୍ଜୀବ ନାଏକ, ହୃଦାନନ୍ଦ ଶବର, ସମ୍ପାଦକ ପ୍ରଶାନ୍ତ କୁମାର ନନ୍ଦ, ସରସ୍ୱତୀ ସାହୁ, ଯୁଗ୍ମ ସମ୍ପାଦକ ପ୍ରିତମ ହୋତା, ଚିତ୍ତ ରଞ୍ଜନ ସାହୁ, କୋଷାଧକ୍ଷ ଡି ଯୁବକଲାଲ ଶବର ଓ ହିତେଶ କୁମାର ନାୟକଙ୍କୁ ନିର୍ବାଚିତ କରାଯାଇଥିଲା। ମାନସ ରଞ୍ଜନ ରଣା ଧନ୍ୟବାଦ ଦେଇଥିଲେ।

### କଳାହାଣ୍ଡିର ୧୦ ଛାତ୍ରୀଛାତ୍ରଙ୍କ କୃତିତ୍ୱ

**ଭବାନୀପାଟଣା, ୧୬।୩ (ଡି.ଏନ.ଏ.):** ସର୍ବଭାରତୀୟ ସୈନିକ ସ୍କୁଲ ପ୍ରବେଶିକା ପରୀକ୍ଷାରେ କଳାହାଣ୍ଡିର ଜିଲାର ୧୦ଜଣ ଛାତ୍ରୀଛାତ୍ର କୃତିତ୍ୱ ହାସଲ କରିଛନ୍ତି। ଏହି ପ୍ରବେଶିକା ପରୀକ୍ଷା ପାଇଁ ଗୃହରାଷ୍ଟ୍ର ମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ରଙ୍କ ତତ୍ତ୍ୱାବଧାନରେ ଭବାନୀପାଟଣା ସମ୍ପ୍ରସାରଣ ପ୍ରଶିକ୍ଷଣ କେନ୍ଦ୍ରରେ ମାସିକ ସର୍ବଭାରତୀୟ ସୈନିକ ସ୍କୁଲ ପ୍ରବେଶିକା ପରୀକ୍ଷା ପ୍ରଶିକ୍ଷଣ ଶିବିର ହୋଇଥିଲା। ଶିବିରରେ ମୋଟ୍ ୨୩ଜଣ ଛାତ୍ରୀଛାତ୍ର ପ୍ରଶିକ୍ଷଣ ନେଇ ଗତ ଫେବୃୟାରୀ ୭ରେ ପରୀକ୍ଷା ଦେଇଥିଲେ। ଏଥିରେ ଷଷ୍ଠ ଶ୍ରେଣୀର ଗୁଞ୍ଜନ ମେହେର, ସୁନ୍ଦର ଝାଙ୍କର, ତୋଫା ପ୍ରଧାନ, ମନୋରଞ୍ଜନ ନାଗ, ଆୟୁସି ପଣ୍ଡା, ଆଦିତ୍ୟ ନାରାୟଣ ମେହେର, ଦେବେଶ ଦୁର୍ଗା, ପ୍ରିତେଶ ବିହାରୀ, ନୈମିଶ ସାଗର ଓ ନବମ ଶ୍ରେଣୀର ଦୀପକ ତାଣ୍ଡି କୃତକାର୍ଯ୍ୟ ହୋଇଛନ୍ତି। ଆଗାମୀ ଦିନରେ ଏହି କୃତିତ୍ୱଙ୍କୁ ଶାରୀରିକ ପରୀକ୍ଷା ଦେବା ପାଇଁ ପ୍ରଶିକ୍ଷଣ ଦିଆଯିବ ବୋଲି ମନ୍ତ୍ରୀ କ୍ୟା. ଦିବ୍ୟଶଙ୍କର ମିଶ୍ର ପ୍ରକାଶ କରିଛନ୍ତି।

# ଜମି କେଳେଙ୍କାରୀ ଗୁମର ଖୋଲୁଛି

**ବରଗଡ଼ ଅଫିସ୍, ୧୬।୩**

- ଜମି ହଡ଼ପ୍ ଯୋଜନା ଦୀର୍ଘଦିନର
- ସତର୍କ କରାଇଥିଲା ଦେବୋତ୍ତର ବିଭାଗ
- ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଗାଏବ
- ପୁଣି ୩୭ ପିଟିଶନ ଦାଖଲ

ଜମି ମାଫିଆଙ୍କ ଦ୍ୱାରା ବରଗଡ଼ର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଭୂ ସମ୍ପତ୍ତି ହଡ଼ପ୍ ଘଟଣା ପଦାକୁ ଆସିବା ପରେ ଏହା ଭକ୍ତଙ୍କ ଭାବାବେଗକୁ ଆଘାତ ଦେଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି ସହିତ ସମ୍ପୃକ୍ତ ମାଫିଆ, ଅସାଧୁ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଦେବୀଙ୍କ ଭୂସମ୍ପତ୍ତିର ପୁନରୁଦ୍ଧାର ଦାବି ଜୋର୍ ଧରିଛି । ଏହି କ୍ରମରେ ସୋମବାର ବରଗଡ଼ ସହରର ୨୧ଜଣ ଉପଜିଲାପାଳ ଶୁଭେନ୍ଦୁ କୁମାର ସାମଙ୍କ ଅଦାଲତକୁ ଯାଇ ପିଟିଶନ ଦାଖଲ କରିଥିଲେ । ଅନୁରୂପ ଭାବେ ମଙ୍ଗଳବାର ଅନ୍ୟ ୩୭ଜଣ ଉପଜିଲାପାଳଙ୍କୁ ପିଟିଶନ ଦେଇଛନ୍ତି। ଏଭଳି ଅଭିଯୋଗ ପରେ ଏଠାରେ ଚାଲିଥିବା ଜମି ହଡ଼ପ୍‌ର ଗୁମର ଫିଟିବାରେ ଲାଗିଛି । ଦେବୀଙ୍କ ଜମି ହଡ଼ପ୍ ନେଇ ଦୀର୍ଘବର୍ଷ ତଳୁ ଯୋଜନା ହୋଇଥିଲା ଏବଂ ଦେବୀଙ୍କ ଜମି ସମ୍ପର୍କୀତ କେତେକ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ମଧ୍ୟ ତହସିଲ ଅଫିସରୁ ଗାଏବ ହୋଇଯାଇଥିବା ଚର୍ଚ୍ଚା ହେଉଛି। ଦେବୀଙ୍କ ଜମି ଜାଲିଆତି ନେଇ ୨୦୧୯ ମସିହାରୁ ଦେବୋତ୍ତର ବିଭାଗ ସ୍ଥାନୀୟ ପ୍ରଶାସନକୁ ସତର୍କ କରାଇବା ସହିତ ବିହିତ ପଦକ୍ଷେପ ନେବାକୁ ଜଣାଇଥିବା ସୂଚନା ମିଳିଛି ।

ସୂଚନା ଅନୁଯାୟୀ, ୨୦୧୯ ଡିସେମ୍ବର ୫ରେ ଅତିରିକ୍ତ ସହକାରୀ ଦେବୋତ୍ତର କମିଶନର ବରଗଡ଼ ତହସିଲଦାର ଏବଂ ଟାଉନ ଥାନା ଆଇଆଇସିଙ୍କୁ ପୃଥକ ଭାବେ ଚିଠି କରିଥିଲେ । ଟାଉନ ଥାନା ଆଇଆଇସିଙ୍କୁ ଚିଠି(ନଂ.୧୨୯୦)ରେ ବରଗଡ଼ ଭଟଲି ରୋଡ୍‌ରେ ଶ୍ରୀ ଶ୍ରୀ ଗ୍ରାମଦେବୀ ବିଜେ ନାମରେ ରହିଥିବା ଜମିକୁ ବିକ୍ରି ପାଇଁ କାହାରିକୁ ଦେବୋତ୍ତର କମିଶନରଙ୍କ ପକ୍ଷରୁ ଅନୁମତି ଦିଆଯାଇ ନ ଥିବା ଉଲ୍ଲେଖ ରହିଛି। ସେତେବେଳେ ବରଗଡ଼ ତହସିଲଦାରଙ୍କୁ ଦିଆଯାଇଥିବା ଅନ୍ୟ ଏକ ଚିଠିରେ ଖାତା ନଂ.୨୫୨୫ରେ ଜମି ପ୍ରକୃତରେ ଶ୍ରୀ ଶ୍ରୀ ଗ୍ରାମଦେବୀ ବିଜେ ନିଜ ଗାଁ ନାମରେ ରେକର୍ଡ଼ଭୁକ୍ତ ଉଲ୍ଲେଖ ରହିଛି। ମାତ୍ର ଦେବୋତ୍ତର କମିଶନରଙ୍କ ବିନା ଅନୁମତିରେ ସେହି ଜମିକୁ ଅନ୍ୟ ଜଣଙ୍କ ନାମରେ ରେକର୍ଡ଼ଭୁକ୍ତ କରାଯାଇଥିବା ଦେଖିବାକୁ ମିଳିଛି। ଫଳରେ ଉକ୍ତ ଜମିକୁ ପୂର୍ବବତ୍ ଶ୍ରୀ ଶ୍ରୀ ଗ୍ରାମଦେବୀ ବିଜେ ନିଜ ଗାଁ ନାମରେ ରେକର୍ଡ଼ଭୁକ୍ତ କରିବାକୁ ଦେବୋତ୍ତର କମିଶନର ଉକ୍ତ ଚିଠିରେ ତହସିଲଦାରଙ୍କୁ ଜଣାଇଛନ୍ତି । କିନ୍ତୁ ପରବର୍ତ୍ତୀ ସମୟରେ ଦେବୋତ୍ତର ବିଭାଗ ପକ୍ଷରୁ ହୋଇଥିବା ଉପରୋକ୍ତ ଚିଠି ତଥା ନିର୍ଦ୍ଦେଶନାମାକୁ ଗୁରୁତ୍ୱ ଦିଆଯାଇ ନ ଜଣାପଡିଛି। ଏ ସମ୍ପର୍କରେ ପିଟିଶନ ପାଇବା ପରେ ତାକୁ ବିଚାରକୁ ନେଇ ତଦନ୍ତ ସହିତ ବିଧିବଦ୍ଧ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ସାମଲ କହିଛନ୍ତି ।

## ୧୪ ବର୍ଷ ପରେ ପିଚୁ ରାସ୍ତା ମରାମତି



ମେଶିନ ଦ୍ୱାରା ପିଚୁ ରାସ୍ତା କାମ କରାଯାଉଛି।

**କେସିଙ୍ଗା, ୧୬।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବାଲସି ପଞ୍ଚାୟତ କଛାରପଦର ଛକଠାରୁ ଭମରମାଲ ଦେଇ ଡୁମେରମୁଣ୍ଡା, ଶିରୋଲ ଗ୍ରାମର ରେଳ ଫାଟକଠାରୁ କାଣ୍ଡେଲ ଗ୍ରାମକୁ ସଂଯୋଗ ୫ କି.ମି. ୭୦୦ ମିଟର ରାସ୍ତା ଦୀର୍ଘ ୧୪ ବର୍ଷ ପରେ ମରାମତି କାମ ସୋମବାରଠାରୁ ଆରମ୍ଭ କରାଯାଇଛି। ଏହି ରାସ୍ତା ଦୀର୍ଘ ୧୪ ବର୍ଷ ଧରି ଶୋଚନୀୟ ଅବସ୍ଥାରେ ପଡିରହିଥିଲା। ଲୋକମାନେ ବର୍ଷା ଋତୁରେ ଯିବା ଆସିବାରେ ହଇରାଣ ହେଉଥିଲେ। ଏହି ରାସ୍ତା କେସିଙ୍ଗା ସହରଠାରୁ ରେଙ୍ଗାଲି, ଧରାମାଲ, ରୁପ୍ରା ଗ୍ରାମ ଦେଇ ଜୋରାଡବ୍ରା ଦେଇ ଏମ.ରାମପୁରକୁ ସଂଯୋଗ ହୋଇଛି। ଦୀର୍ଘ ଦିନରୁ ଲୋକମାନେ ଗମନାଗମନରେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିଲେ। ଅଞ୍ଚଳବାସୀ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଏହି ରାସ୍ତା ସର୍ଭେ କରି ୨୦୧୮-୧୯ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଇଥିଲେ। ଲୋକଙ୍କ ସମସ୍ୟାକୁ ଦୃଷ୍ଟିରଖି ରାଜ୍ୟ ସରକାର ୪୨ ଲକ୍ଷ ଅର୍ଥ ମଞ୍ଜୁରି କରିବା ପରେ ପିଚୁ ରାସ୍ତା ମରାମତି କାମ ଆରମ୍ଭ କରାଯାଇଛି। ଏ ନେଇ ପରଲସିଙ୍ଗ ସରପଞ୍ଚ, ବାଲସି ସରପଞ୍ଚ ଚୁଡାମଣୀ ମାଝି, ଶିରୋଲ ସରପଞ୍ଚ ହେମନ୍ତ ନାଗ ଓ ୱାର୍ଡ ମେମ୍ବରମାନଙ୍କୁ ପଚାରିବାରୁ ଆମ ଅଞ୍ଚଳ ଲୋକ ଠିକ ଭାବେ ବର୍ତ୍ତମାନ ଗମନାଗମନ କରି ପାରୁଛୁ ବୋଲି ପ୍ରକାଶ କରିଥିଲେ। ଏ ସଂକ୍ରାନ୍ତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଏସଡିଓ ଚିତ୍ତରଞ୍ଜନ ନାଏକଙ୍କୁ ପଚାରିବାରୁ ଠିକ ଭାବେ ପିଚୁ ରାସ୍ତା କାମ ମେଶିନ ଦ୍ୱାରା କରାଯାଉଛି ବୋଲି ପ୍ରକାଶ କରିଥିଲେ।

## ଦରଦାମ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

**ଖଡିଆଳ, ୧୬।୩ (ଡି.ଏନ.ଏ.)**



ଖଡିଆଳ ଥାନା ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ନୂଆପଡା ଜିଲା ଖଡିଆଳଠାରେ ଜିଲା ଯୁବ କଂଗ୍ରେସ କମିଟି ପକ୍ଷରୁ ଦରଦାମ ବୃଦ୍ଧି ପ୍ରତିବାଦରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ଯୁବ କଂଗ୍ରେସ କମିଟି ସଭାପତି କପିଳେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ପ୍ରଦେଶ ଯୁବ କଂଗ୍ରେସ ସମ୍ପାଦକ ମହମ୍ମଦ ସାହେବ ଓ ପ୍ରଦେଶ ଯୁବ କଂଗ୍ରେସ ଉପସଭାପତି ବୀରେନ୍ଦ୍ର ବାଗଙ୍କ ଉପସ୍ଥିତିରେ ଶହ ଶହ କର୍ମୀ ପ୍ରଥମେ ଖଡିଆଳ ସମଲେଶ୍ୱରୀ ମନ୍ଦିରରୁ ବିରାଟ ଶୋଭାଯାତ୍ରାରେ ବାହାରି ଖଡିଆଳ ଥାନା ଛକଠାରେ ପହଞ୍ଚିଥିଲେ। ସେଠାରେ ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଅହେତୁକ ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟାର ପ୍ରତିବାଦରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ। ବିକ୍ଷୋଭ ପ୍ରଦର୍ଶନ କରି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ହୀରାଧର ମେହେର, ବିଶ୍ୱମ୍ଭର ଜଗତ, ହେମସାଗର ନାଗ, ରମେଶ କଟା, ଅରବିନ୍ଦ ପ୍ରଧାନ, ଲକ୍ଷ୍ମୀ ବନ୍ଧିଛୋର, ପାଶା ମହାନନ୍ଦ, ଦେବରାଜ ଶବର, ବିଦ୍ଧୁଦତ୍ତ ଯୋଶୀ, ଲକ୍ଷ୍ମୀକାନ୍ତ ହଂସ, ସୁରେଶ ବଘେଲ, ବରୁଣ ସୁନା, ପରମେଶ୍ୱର ଭୋଇ ପ୍ରମୁଖ ସାମିଲ ହୋଇଥିଲେ ।

## ଜନସେବା କେନ୍ଦ୍ର, ନେଟ୍ ହଉସ୍‌ରୁ ରେଳ ଟିକେଟ ଜବତ

**ରେଲୱେ ପୋଲିସ ଜାଲରେ ୨ଅଭିଯୁକ୍ତ**

**ବିନିକା, ୧୬।୩(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍ଏସି ଅଞ୍ଚଳର ଗୋଟିଏ ସହଜ ଜନସେବା କେନ୍ଦ୍ର ଓ ଏକ କମ୍ପ୍ୟୁଟର ନେଟ୍ ହାଉସ ଉପରେ ସମ୍ବଲପୁର ଓ ଟିଟିଲାଗଡ ରେଳମଣ୍ଡଳ ପୋଲିସ୍ ମଙ୍ଗଳବାର ଚଢାଉ କରିଥିଲା। ରେଳବାଇର ବିନା ଅନୁମୋଦନରେ ସେମାନେ ଟିକେଟ ବିକ୍ରି କରୁଥିଲେ। ପ୍ରତି ଟିକେଟରେ ୨ଶହ ଟଙ୍କା ଅଧିକ ନେଉଥିଲେ। ୨୦୧୭ରୁ ଏହି କାରବାର ଉଭୟ ସଂସ୍ଥାର ମାଲିକମାନେ ଚଳାଉଥିବା ଜଣାପଡିଥିଲା। ଚଢାଉ ବେଳେ ୩୫ହଜାର ଟଙ୍କାର ରେଳ ଟିକେଟ୍, ୩ଟି ମୋବାଇଲ୍ ଓ ୩ କମ୍ପ୍ୟୁଟର ହାର୍ଡଡିସ୍କ ଜବତ ହୋଇଛି। ବଲାଙ୍ଗୀର ରେଳ ମଣ୍ଡଳ ତରଫରୁ ଉଭୟଙ୍କ ନାମରେ ମାମଲା ରୁଜୁ କରାଯାଇ ଗିରଫ କରାଯାଇଥିବା ସମ୍ବଲପୁର ରେଳବାଇ ଇନସ୍ପେକ୍ଟର ହରେନ୍ଦ୍ର ସଂ ସୂଚନା ଦେଇଛନ୍ତି।

## ସମାଜ ସେବା ପାଇଁ ସାଧୁରାମଙ୍କୁ ଡକ୍ଟରେଟ୍

**ଭବାନୀପାଟଣା, ୧୬।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରା ରୋଡ୍‌ର ସାଧୁରାମ ଅଗ୍ରୱାଲଙ୍କୁ କୋଲକାତାସ୍ଥିତ ରୟାଲ ଆମେରିକାନ୍ ୟୁନିଭରସିଟି ପକ୍ଷରୁ ସମାଜ ସେବା ପାଇଁ ଡକ୍ଟରେଟ୍ ଉପାଧିରେ ସମ୍ମାନିତ କରାଯାଇଛି। ରୁପ୍ରା ରୋଡରେ ମଧ ଇଂରାଜୀ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିବା, ରାସ୍ତା, ପୋଲ, ମନ୍ଦିର ନିର୍ମାଣ ଏବଂ ରୁପ୍ରାରୋଡ ରେଳ ଷ୍ଟେଶନ ଆବଶ୍ୟକତା ପାଇଁ ତାଙ୍କର ଉଦ୍ୟମ ଲୋକଙ୍କ ପାଇଁ ପ୍ରେରଣା ଯୋଗାଇଛି। ଏହି ଅବସରରେ ଡକ୍ଟର ସାଧୁରାମଙ୍କୁ ମହାବୀର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ସଭାପତି ଜୟନ୍ତ ବେହେରାଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ରାସବିହାରୀ ବେହେରା, ସମ୍ମାନିତ ଅତିଥି ଡକ୍ଟର ସାଧୁରାମ ଅଗ୍ରୱାଲ, ଉପସଭାପତି ଶାନ୍ତନୁ ବେହେରା, ଯୁଧିଷ୍ଠିର ସାହୁ, ଅଧ୍ୟାପକ ପ୍ରତାପ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ବିବାହ ପଞ୍ଜୀକରଣ ବ୍ୟବସ୍ଥା ନାହିଁ

**କର୍ଲାମୁଣ୍ଡା, ୧୬।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ବିବାହ ପଞ୍ଜୀକରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଫଳରେ ଜନସାଧାରଣ ହଇରାଣ ହେଉଥିବା ଅଭିଯୋଗ ହେଉଛି। ପୂର୍ବରୁ ଏହି ବ୍ଲକରେ ତତ୍କାଳୀନ ଉତ୍କ୍ୟୁଇଓ ସୁନୀଲ କୁମାର କରଙ୍କ ସମୟରେ ବ୍ଲକ କାର୍ଯ୍ୟାଳୟରେ ବିବାହ ପଞ୍ଜୀକରଣ କରାଯାଉଥିଲା। ସୁନୀଲଙ୍କ ବଦଳି ପରେ ବର୍ତ୍ତମାନ ଉତ୍କ୍ୟୁଇଓ ଦାୟିତ୍ୱରେ ଥିବା ଜିପିଇଓ ଯୁଗଳ କିଶୋର ନାଏକଙ୍କ ଦ୍ୱାରା ବିବାହ ପଞ୍ଜୀକରଣ ହୋଇପାରୁ ନ ଥିବାରୁ ପ୍ରତ୍ୟେକ ଦିନ ଲୋକମାନେ ବ୍ଲକ କାର୍ଯ୍ୟାଳୟକୁ ଆସି ନିରାଶରେ ଫେରିଯାଉଥିବା ଦେଖିବାକୁ ମିଳୁଛି। ଏ ନେଇ କର୍ଲାମୁଣ୍ଡା ବିଡିଓଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ହେଁ ଫୋନ ଗ୍ରହଣ କରୁ ନ ଥିବାରୁ ତାଙ୍କ ମତାମତ ମିଳି ପାରିନାହିଁ। ଉତ୍କ୍ୟୁଇଓ ଦାୟିତ୍ୱରେ ଥିବା ଜିପିଇଓ ଯୁଗଳ କିଶୋର ନାଏକଙ୍କୁ ପଚାରିବାରୁ ମୁଁ ଉତ୍କ୍ୟୁଇଓ ଦାୟିତ୍ୱରେ ରହିଥିଲେ ହେଁ ବିବାହ ପଞ୍ଜୀକରଣ ପ୍ରମାଣ ପତ୍ର ଦେବାର କ୍ଷମତା ମୋର ନାହିଁ ବୋଲି କହିଥିଲେ। ସୂଚନାଯୋଗ୍ୟ ଯେ, ପଞ୍ଜୀକୃତ ଶ୍ରମିକମାନଙ୍କ ପରିବାର ଝିଅ ବାହାଘର ପାଇଁ ସରକାର ପ୍ରୋତ୍ସାହନ ରାଶି ଯୋଗାଇ ଦେଇଥାନ୍ତି । ଏଥିପାଇଁ ବିବାହ ପଞ୍ଜୀକରଣ ପ୍ରମାଣପତ୍ର ଆବଶ୍ୟକ ଥାଏ।




ପଞ୍ଚାୟତ ସମିତି କାର୍ଯ୍ୟାଳୟ ।

## ୨୨ରେ କଂଗ୍ରେସର ଚାଷୀ ସମାବେଶ

**ବରଗଡ଼ ଅଫିସ୍, ୧୬।୩**



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ ।

ଚାଷୀ ସମସ୍ୟା ପ୍ରତି ରାଜ୍ୟ, କେନ୍ଦ୍ର ସରକାରଙ୍କ ଉଦାସୀନତା ପ୍ରତିବାଦରେ ଆସନ୍ତା ୨୨ତାରିଖରେ ବରଗଡ଼ରେ କଂଗ୍ରେସ ପକ୍ଷରୁ ଚାଷୀ ସମାବେଶ ଅନୁଷ୍ଠିତ ହେବ । ଏହି କ୍ରମରେ ମଙ୍ଗଳବାର ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ପର୍ଯ୍ୟବେକ୍ଷକ ମାନସ ଚୌଧୁରୀ କହିଥିଲେ, ଚାଷୀମାନେ ଟୋକନ ସମସ୍ୟା ଯୋଗୁ ଧାନ ବିକ୍ରି କରି ପାରୁ ନାହାନ୍ତି । ଏହାର ପ୍ରତିବାଦରେ କଂଗ୍ରେସ ଜନସାଧାରଣଙ୍କୁ ନେଇ ରାଜରାସ୍ତାକୁ ଓହ୍ଲାଇବ ଏବଂ ଏହାହିଁ ଆସନ୍ତା ୨୨ତାରିଖ ଚାଷୀ ସମାବେଶର ଆଭିମୁଖ୍ୟ ବୋଲି ସେ ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ବରଗଡ଼ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ଜିଲା ପର୍ଯ୍ୟବେକ୍ଷକ ରାଜକିଶୋର ଷଡ଼ଙ୍ଗୀ, ପ୍ରଦୀପ ଦେବତା, ସରୋଜ ମହାପାତ୍ର, ସରୋଜ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ ।

## କଳାହାଣ୍ଡିର ଜହ୍ନୁ ବିଷିଙ୍କୁ କୃତୀ କୃଷକ ସମ୍ମାନ

**ଜୁନାଗଡ, ୧୬।୩ (ଡି.ଏନ.ଏ.):** ଓଡ଼ିଶା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଭୁବନେଶ୍ୱର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡିଆଠାରେ ସୋମବାରଠାରୁ କୃଷି ମହୋତ୍ସବ 'କୃଷି ଓଡ଼ିଶା-୨୦୨୧' ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିର୍ଚିଗୁଡ଼ା ପଞ୍ଚାୟତ ନୂଆଗୁଡା ଗ୍ରାମର ଜହ୍ନୁ ବିଷିଙ୍କୁ କୃଷି କ୍ଷେତ୍ରରେ ଉତ୍କୃଷ୍ଟ ପାଇଁ 'କୃତୀ କୃଷକ' ସମ୍ମାନରେ ସମ୍ମାନିତ କରାଯାଇଛି। ତାଙ୍କୁ କୃଷି ମନ୍ତ୍ରୀ ଅରୁଣ ସାହୁ ମାନପତ୍ର ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଏହି ସଫଳତା ପରେ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ପ୍ରକାଶ ଯେ, ଏହା ପୂର୍ବରୁ ତାଙ୍କୁ ଜଣେ ଆଦର୍ଶ ଶିକ୍ଷକ ଭାବେ ରାଜ୍ୟ ସରକାର ରାଜ୍ୟପାଳ ପୁରସ୍କାର ପ୍ରଦାନ କରିଥିଲେ। ପରିବେଶକୁ ବଞ୍ଚାଇ ଗଛ ଲଗାଉଥିବାରୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରକୃତି ବନ୍ଧୁ ଓ ପ୍ରକୃତି ମିତ୍ର ପୁରସ୍କାର ମଧ୍ୟ ପାଇଛନ୍ତି।



କୃଷି ମନ୍ତ୍ରୀ ଅରୁଣ ସାହୁ କୃତୀ କୃଷକ ସମ୍ମାନରେ ଜହ୍ନୁଙ୍କୁ ସମ୍ମାନିତ କରୁଛନ୍ତି।

## ଦୋଷୀଙ୍କୁ ୨ ହଜାର ଟଙ୍କା ଜରିମାନା

**ଜୁନାଗଡ, ୧୬।୩ (ଡି.ଏନ.ଏ.)**

**ଅବସରପ୍ରାପ୍ତ ଶିକ୍ଷକଙ୍କ ସହ ମାରପିଟ୍ ଘଟଣାର ରାୟ ପ୍ରକାଶ**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଭଇଁରୀଗୁଡା ଗ୍ରାମର ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ସହ ଜଣେ ବ୍ୟକ୍ତି ଝଗଡା ଓ ମାରପିଟ କରିବା ଘଟଣାର ରାୟ ସୋମବାର ପ୍ରକାଶ ପାଇଛି। ଜୁନାଗଡ ଜେଏମ୍ଏଫସି କୋର୍ଟ ବିଚାରପତି ସୂର୍ଯ୍ୟକାନ୍ତ ଆଚାର୍ଯ୍ୟ ଏହି ଘଟଣାରେ ସମସ୍ତ ସାକ୍ଷୀ ପ୍ରମାଣକୁ ଭିତ୍ତିକରି ଉକ୍ତ ଗ୍ରାମର କମଳାକାନ୍ତ ବାଣୁଆଙ୍କୁ ଆଇପିସି ୩୨୩ ଦଫାରେ ଦୋଷୀ ସାବସ୍ତ୍ୟ କରି ୨ ହଜାର ଟଙ୍କା ଜରିମାନା ସହ ସର୍ତ୍ତମୂଳକ ଜାମିନ (ପିଓ ଆକ୍ଟ)ରେ ଖଲାସ କରିଛନ୍ତି। ପ୍ରକାଶ ଯେ, ଭଇଁରୀଗୁଡାର ଅବସରପ୍ରାପ୍ତ ଶିକ୍ଷକ ଅଶ୍ୱିନ କୁମାର ବାଣୁଆଙ୍କୁ ସେହି ଗ୍ରାମର କମଳାକାନ୍ତ ବାଣୁଆ ଝଗଡା କରିବା ସହ ମାରପିଟ କରିଥିବା ନେଇ ଜୁନାଗଡ ଥାନାରେ ଅଭିଯୋଗ ହୋଇଥିଲା। ପରେ ମାମଲା କୋର୍ଟକୁ ଆସିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଯୁବ ଏପିପି ଅଶୋକ କୁମାର ନାୟକ ଓ ସରକାରୀ ଆଇନଜୀବୀ ଦିଗାମ୍ବର ନାଏକ ପରିଚାଳନା କରିଥିଲେ। ଜୁନାଗଡ ପୋଲିସ ପକ୍ଷରୁ ଏଏସ୍ଆଇ ବୈଷ୍ଣବ ନାଏକ ଘଟଣାର ତଦନ୍ତ କରୁଥିଲେ।

## ଦିବାରାତ୍ର ଭଲିବଲ: ଭେଟରାନ ଟିମ୍ ଚାମ୍ପିୟନ

**କୋକସରା, ୧୬।୩ (ଡି.ଏନ.ଏ.)**



ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରାଯାଉଛି।

କଳାହାଣ୍ଡି ଜିଲା କୋକସରା ବ୍ଲକ ଚିଲିଗୁଡାଠାରେ ଦ୍ୱି ଦିବସିୟ ସିପିଏଲ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ଣ୍ଣାମେଣ୍ଟରେ ୧୭ଦଳ ଭାଗ ନେଇଥିଲେ। ଫାଇନାଲ ଖେଳ କୋକସରା ଭେଟରାନ ଟିମ୍ ଓ କୋକସରା ବି ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୩ ସେଟରେ କୋକସରା ବି ଟିମ୍‌କୁ ହରାଇ କୋକସରା ଭେଟରାନ ଟିମ୍ ଚାମ୍ପିୟନ ହୋଇଛି। ମ୍ୟାଚ ରେଫରି ଭାବେ କୋକସରା ଜବାହର ହାଇସ୍କୁଲ ଖେଳ ଶିକ୍ଷକ ଅମିତ ମହାନ୍ତି ଓ ଉତ୍ତମ କୁମାର ପଣ୍ଡା ପରିଚାଳନା କରିଥିଲେ। ଚିଲିଗୁଡା ସୁପରଷ୍ଟାର ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଦିବାରାତ୍ର ଭଲିବଲ ଟୁର୍ଣ୍ଣାମେଣ୍ଟକୁ ଗ୍ରାମର ଶିବରାମ ଗହୀର, ବିଦ୍ୟା ଗହୀର, ସୁଧୀର ନିଆଲ, ପୂର୍ଣ୍ଣଚନ୍ଦ୍ର ନିଆଲ, ଅଭିମନ୍ୟୁ ଗୋପାଳ ପରିଚାଳନାରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ମ୍ୟାଚରେ ମୁଖ୍ୟଅତିଥି ଭାବେ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ତଥା କଲମପୁର ଜିଲା ପରିଷଦ ସଭ୍ୟ ବିଜୟଦେବ ସାହୁ ମୁଖ୍ୟଅତିଥି, କୋକସରା ବିଡିଓ ମନୀଷା ଦାସ, ସମ୍ମାନିତ ଅତିଥି ଭାବେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ, କୋକସରା ଥାନା ଅଧିକାରୀ ବାସୁଦେବ ଛତ୍ରିଆ, ସମିତି ସଭ୍ୟ ତ୍ରିଭୁବନ ନାଏକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ବ୍ଲୁ ଡାଇମଣ୍ଡ, ସୋହେଲା ବିଜୟୀ

**ବରଗଡ଼ ଅଫିସ୍, ୧୬।୩**

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଭିଜନ-୨୦୨୪ ଆନୁକୂଲ୍ୟରେ ବରଗଡ଼ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ ଏବଂ ବିକାଶ ଷ୍ଟାଡ଼ିୟମରେ ଚାଲିଥିବା ଆନ୍ତଃ କ୍ଲବ ସିନିୟର କ୍ରିକେଟ ପ୍ରତିଯୋଗିତାର ମଙ୍ଗଳବାର ମ୍ୟାଚ୍‌ରେ ବ୍ଲୁ ଡାଇମଣ୍ଡ ଓ ସୋହେଲା ଆଥଲେଟିକ ଆସୋସିଏଶନ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ବିକାଶ ଷ୍ଟାଡ଼ିୟମରେ ବ୍ଲୁଡାଇମଣ୍ଡ ଏବଂ କୁମ୍ଭାରୀର ଭବାନୀ କ୍ଲବ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଭବନୀ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୨୯.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୬ ରନ ସଂଗ୍ରହ କରିଥିଲା। ଜବାବରେ ବ୍ଲୁଡାଇମଣ୍ଡ ୧୪.୧ ଓଭରରେ ୧୩୯ ରନ ସଂଗ୍ରହ କରି ମ୍ୟାଚକୁ ୯ ଉଇକେଟରେ ଜିତିଥିଲା। ସେହିପରି ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମରେ ୟୁନାଇଟେଡ୍ କ୍ଲବ ଓ ସୋହେଲା ଆଥଲେଟିକ ଆସୋସିଏଶନ ମଧ୍ୟରେ ମ୍ୟାଚ୍ ହୋଇଥିଲା। ୟୁନାଇଟେଡ କ୍ଲବ ଟସ୍ ଜିତି ବ୍ୟାଟିଂ କରି ୨୭.୩ ଓଭରରେ ୧୫୧ ରନ ସଂଗ୍ରହ କରିଥିଲା। ଜବାବରେ ସୋହେଲା ଆଥଲେଟିକ ଆସୋସିଏଶନ ୨୯.୨ ଓଭରରେ ୧୫୫ ରନ ସଂଗ୍ରହ କରି ମ୍ୟାଚ୍ ଜିତି ନେଇଥିଲା। ପ୍ରଦୀପ ଦାଶ, ଅକ୍ଷୟ ସାହାଣୀ, ୱିଲସନ ସିଂ, ଭରତ ଚେତନ ପଣ୍ଡା ମ୍ୟାଚ୍‌ଗୁଡ଼ିକ ପରିଚାଳନା କରିଥିଲେ। ସେହିପରି ବିକାଶ ଷ୍ଟାଡ଼ିୟମରେ ମୁଖ୍ୟଅତିଥି ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀକ୍ରୀଷ୍ଣା, ଡଃ ସମରେନ୍ଦ୍ର ନାଥ ପଣ୍ଡା, ପିତାମ୍ବର ପ୍ରଧାନ, ଅଶୋକ ସିଂ, ରବି ପଣ୍ଡା, ରଜତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।



ବିକାଶ ଷ୍ଟାଡ଼ିୟମରେ ଖେଳାଳିଙ୍କ ସହିତ ମୁଖ୍ୟଅତିଥି କରମର୍ଦ୍ଦନ କରୁଛନ୍ତି ।

## ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବରଗଡ଼ ଅଫିସ୍: ବରଗଡ଼ ରୋଡ୍ ରେଳ ଷ୍ଟେଶନ ନିକଟ ରେଳ ଧାରଣାରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ମୃତକ ହେଲେ ବରଗଡ଼ ଜିଲା ସୋହେଲା ବ୍ଲକ କଲଙ୍ଗାପାଲି ଗ୍ରାମର ରମଣୀ ବରିହା(୨୭)। ଆସନ୍ତା ୨୫ତାରିଖରେ ରମଣୀଙ୍କ ବାହାଘର ଥିଲା ଏବଂ ସେ ସମ୍ପର୍କୀୟଙ୍କ ଘରକୁ ନିମନ୍ତ୍ରଣ କାର୍ଡ଼ ବାଣ୍ଟି ଯାଉଥିବା କହି ଘରୁ ବାହାରିଥିବା ପରିବାର ଲୋକେ କହିଛନ୍ତି। ଜିଆର୍‌ପି ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ମୃତକ ରେଳ ଧାରଣାରେ ଆତ୍ମହତ୍ୟା କରିଛନ୍ତି ନା ସେ ରେଳ ଧାରଣା ପାରି ହେଉଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇ ପ୍ରାଣ ହରାଇଛନ୍ତି ତାହା ସ୍ପଷ୍ଟ ହୋଇନାହିଁ ।

# ସଂକ୍ଷେପରେ

## ଜଙ୍ଗଲ ନିଆଁ ଆୟତ୍ତରେ ଲାଗିଛି ବନ ବିଭାଗ

ପଦ୍ମପୁର, ୧୬।୩ (ଡି.ଏନ.ଏ): ବରଗଡ ଜିଲା ପଦ୍ମପୁର ରେଞ୍ଜର ବିଭିନ୍ନ ବନାଞ୍ଚଳରେ ନିଆଁ ଲାଗିଛି। ଏହି ନିଆଁକୁ ଆୟତ୍ତ କରିବା ପାଇଁ ବନ ବିଭାଗର କର୍ମଚାରୀମାନେ ତତ୍ପର ହୋଇପଡିଛନ୍ତି। ଅନ୍ୟ ବର୍ଷ ଅପେକ୍ଷା ଚଳିତ ବର୍ଷ ଜଙ୍ଗଲରେ ନିଆଁ ଏକ ସମସ୍ୟାରେ ପରିଣତ ହୋଇଛି। ନିଆଁ ବ୍ୟାପିବା କିଛି ଅଞ୍ଚଳରେ ମନୁଷ୍ୟକୃତ ହୋଇଛି। ଗନ୍ଧମାର୍ଦ୍ଦନ ପାହାଡ ପାର୍ଶ୍ୱବର୍ତ୍ତୀ ପଦ୍ମପୁର ବ୍ଲକର ଯୁଧିଷ୍ଠିରପୁର, ବେଣ୍ଟକାରପୁର, ଖରସିବାଞ୍ଜି, କଦଳୀଝରଣ ଆଦି ଗ୍ରାମରେ ବନ ସୁରକ୍ଷା ସମିତି ଗଠନ କରି ଜଙ୍ଗଲ ସୁରକ୍ଷା ଅଭିଯାନ ଚାଲିଛି । ବନପାଳ ତରଣୀସେନ ସାହାଙ୍କ ନେତୃତ୍ୱରେ ପ୍ରାୟ ୨୫ ଜଣ ସଦସ୍ୟ ବିଭିନ୍ନ ସ୍ଥାନରେ ରହି ନିଆଁ ଲିଭାଇବା ପାଇଁ ନିୟୋଜିତ ହୋଇଛନ୍ତି। ଏହା ସହିତ ଜଙ୍ଗଲ ସୀମାବର୍ତ୍ତୀ ବିଭିନ୍ନ ଗ୍ରାମରେ ଜନସଚେତନତା ସୃଷ୍ଟି ସହ ଯେଉଁମାନେ ଜଙ୍ଗଲରେ ନିଆଁ ଲଗାଉଛନ୍ତି ସେମାନଙ୍କ ବିରୋଧରେ ମାମଲା ରୁଜୁ କରାଯିବ ବୋଲି କୁହାଯାଉଛି ।

## ପୁଣି ବିଦ୍ୟୁତ୍ ବିଲ୍ ଆଦାୟ୍ ଜୁଲୁମ

ଅତାବିରା,୧୬।୩ (ଡି.ଏନ.ଏ): ମାର୍ଚ୍ଚ ମାସ ବିଦ୍ୟୁତ୍ ବିଲ୍ ଟାର୍ଗେଟ ପୂରଣ କରିବା ପାଇଁ ୱେସ୍କୋ କର୍ମଚାରୀମାନେ ଖାଉଟିମାନଙ୍କ ଉପରେ ଜୁଲୁମ କରୁଥିବା ଅଭିଯୋଗ ହୋଇଛି। ଭେଡେନ ଥାନା କୁଟେନପାଲି ଗାଁରେ ବିଭାଗୀୟ କର୍ମଚାରୀମାନେ ସମସ୍ତଙ୍କ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ କରି ଦେଇଥିବାରୁ ଗାଁ ସୋମବାର ଠାରୁ ଅନ୍ଧାରରେ ରହିଛି। ତେବେ ଖାଉଟିମାନଙ୍କ ଉପରେ ଥିବା ଏରିୟର ବିଲ୍ ପୈଠ ନ କଲେ ବିଦ୍ୟୁତ୍ ସଂଯୋଗ ଦିଆଯିବ ନାହିଁ ବୋଲି କର୍ମଚାରୀମାନେ କହିବାରୁ ମଙ୍ଗଳବାର ଗାଁରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳକୁ ପୋଲିସ ପହଞ୍ଚି ସମାଧାନ କରିବାକୁ ଚେଷ୍ଟା କରିଛି। ଏ ସମ୍ପର୍କରେ ଭେଡେନ ଥାନା ଆଇଆଇସି ହେମନ୍ତ କୁମାର ରାଓଙ୍କୁ ପଚରାଯିବାରୁ ଉଭୟ ପକ୍ଷଙ୍କୁ ଡାକି ଆପୋଷ ବୁଝାମଣା କରିବା ପାଇଁ ଚେଷ୍ଟା ଚାଲିଛି ବୋଲି କହିଥିଲେ । ତେବେ ଏ ସମ୍ପର୍କରେ ୱେସ୍କୋ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

## ଏପ୍ରିଲରେ ଚାନ୍ଦିଲି ପାହାଡ ମହୋତ୍ସବ

ଦେଓଗାଁ, ୧୬।୩(ଡି.ଏନ.ଏ.): ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦଲି ପାହାଡକୁ ମଙ୍ଗଳବାର ପରିଦର୍ଶନ କରିଛନ୍ତି ଜିଲା ବିଜେଡି ନେତୃବୃନ୍ଦ। ପରିଦର୍ଶନ ପରେ ଏହି ସ୍ଥାନକୁ ପର୍ଯ୍ୟଟନସ୍ଥଳର ମାନ୍ୟତା ପାଇଁ ପ୍ରୟାସ କରାଯିବ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି । ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଅର୍କେଶ ନାରାୟଣ ସିଂଦେଓ, ପୂର୍ବତନ ବ୍ଲକ ଅଧକ୍ଷ ଲକ୍ଷ୍ମଣ କୁମାର ମେହେର. ବ୍ଲକ ବିଜୁ ଯୁବ ଜନତାଦଳ ସଭାପତି ଶୈଳେନ୍ଦ୍ର କୁମାର ସାହୁ, ଯୁବନେତା କୈଳାସ ମାହାନ୍ତି, ବିଭୂତି ଭୂଷଣ ମିଶ୍ର, ସାହାଜବାହାଲ ସରପଞ୍ଚ ପ୍ରଦ୍ୟୁମ୍ନ ହୋତା, ଆଶୀର୍ବାଦ ସାହୁ ପ୍ରମୁଖ ଚାନ୍ଦଲି ପାହାଡରେ ଥିବା ଶିଳାଲିପି, ସୀତାକୁଣ୍ଡ, ପଥରରେ ଖୋଦିତ ସପ୍ତଫେଣୀ, ପଥର ଉପରେ ଥିବା ୧ଫୁଟ ଉଚ୍ଚତାର ସତ୍ୟ ବଟବୃକ୍ଷ, ଅନେକ ଗୁମ୍ଫା, ଭୀମକଟା ଆଦି ପରିଦର୍ଶନ କରିଥିଲେ । ଏହି ଅବସରରେ ଗ୍ରାମ୍ୟ କମିଟି ସଭାପତି ନିଳମଣି ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଚଳିତବର୍ଷ ଏପ୍ରିଲ ମାସରେ ୩ଦିନିଆ ଚାନ୍ଦିଲି ପାହାଡ ମହୋତ୍ସବ ଆୟୋଜନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବୈଠକରେ ପୂର୍ବତନ ସରପଞ୍ଚ ସ୍ୱୟଂମ୍ବର ମେହେର, ସୁରେନ୍ଦ୍ର ସାଏ, ଇନ୍ଦ୍ରଜିତ ରାଉତ, ଘାସିରାମ ରଣା, ସତ୍ୟନାରାୟଣ ଷଡଙ୍ଗୀ, ବିଦ୍ୟାଧର ନାଏକ, ପିଙ୍କୁ ଷଡଙ୍ଗୀ, ରାଜେନ୍ଦ୍ର ସାଏ ପ୍ରମୁଖ ଉପସ୍ଥିତ ଥିଲେ ।

## ମହାଯଜ୍ଞ ଉଦ୍‌ଯାପିତ

ଅତାବିରା, ୧୬।୩ (ଡି.ଏନ.ଏ): ବରଗଡ ଜିଲା ଅତାବିରା ବ୍ଲକ ଅଧୀନ ଡଡଙ୍ଗାପାଲିରେ ଆର୍ଯ୍ୟ ସମାଜ ଜନକଲ୍ୟାଣ ତରଫରୁ ଚାଲିଥିବା ମହାଯଜ୍ଞ ସୋମବାର ଉଦ୍‌ଯାପିତ ହୋଇଯାଇଛି। ନରେଶ ଧରୁଆ ଓ ସୁରେଶ ଧରୁଆ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଲକ୍ଷ୍ମଣ ଶାସ୍ତ୍ରୀ, ବ୍ରଜବନ୍ଧୁ ରାହୁଲ, ପବିତ୍ର ପୂଝାରୀ, ରତ୍ନାକର ବ୍ରହ୍ମଚାରୀ, ନାରଦ ନନ୍ଦ ସରସ୍ୱତୀ ପ୍ରମୁଖ ହୋମଯଜ୍ଞ କରିଥିଲେ।

# କୃଷି, କୃଷକଙ୍କ ବିକାଶକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୧୬।୩

ବରଗଡ଼ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ କୃଷି ଓଡ଼ିଶା-୨୦୨୧ ଉପଲକ୍ଷେ ସୋମବାର ଜିଲା କୃଷି ମହୋତ୍ସବ ଉଦ୍‌ଘାଟିତ ହୋଇଛି। ଆସନ୍ତା ୧୯ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏହି ପରିପ୍ରେକ୍ଷୀରେ ସୋମବାର ସନ୍ଧ୍ୟା ୫ଟା ୩୦ ମିନିଟରେ ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମାରୋହରେ କୃଷିମନ୍ତ୍ରୀ ଅରୁଣ ସାହୁ, ଅତିରିକ୍ତ ମୁଖ୍ୟ ସଚିବ ପ୍ରଦୀପ ଜେନା, କୃଷି ସଚିବ ସୌରଭ ଗର୍ଗ ପ୍ରମୁଖ ଉପସ୍ଥିତ ରହି କୃଷି ଓ ଆନୁସଙ୍ଗିକ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା କିଭଳି କୃଷି ଓ କୃଷକଙ୍କ ଉନ୍ନତି ହୋଇ ପାରିବ, ତାହା ଉପରେ ଆଲୋଚନା କରିଥିଲେ। ମଙ୍ଗଳବାରଠାରୁ ପାଠଶାଳା ମାଧ୍ୟମରେ ଚାଷୀମାନଙ୍କୁ କୃଷି ସମ୍ପର୍କୀତ ଶିକ୍ଷା ପ୍ରଦାନ କରାଯାଉଛି। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ପ୍ରାୟ ୧୫୦ଜଣ ଚାଷୀ ମଙ୍ଗଳବାର ଉପସ୍ଥିତ ଥିଲେ। ଏଠାରେ କୃଷି ଆଧାରିତ ବିଭିନ୍ନ ପ୍ରକାର ୧୦ଟି ଷ୍ଟଲର ପ୍ରଦର୍ଶନୀ କରାଯାଇଛି। ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ମୁଖ୍ୟ ଜିଲା କୃଷି ଅଧିକାରୀ ଦୀନବନ୍ଧୁ ଗାନ୍ଧୀ, ଉପ ପ୍ରକଳ୍ପ ନିର୍ଦ୍ଦେଶକ (ଆତ୍ମା) ପ୍ରଶାନ୍ତ ମହାନ୍ତି, ସହକାରୀ କୃଷି ନିର୍ଦ୍ଦେଶକ (ମୃତ୍ତିକା) ରବି ନାରାୟଣ ସେନାପତିଙ୍କ ସମେତ କୃଷି, ମତ୍ସ୍ୟ, ପ୍ରାଣୀ ସମ୍ପଦ, ଉଦ୍ୟାନ ଓ ମୃତ୍ତିକା ସଂରକ୍ଷଣ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।



କୃଷି ମହୋତ୍ସବରେ ଉପସ୍ଥିତ କୃଷି ଅଧିକାରୀ, ଚାଷୀବୃନ୍ଦ।

**ବରଗଡ଼ ଜିଲା କୃଷି ମହୋତ୍ସବ**

# ଗୋଟିଏ ପରିବାରକୁ ନିଆଁ, ପାଣି ବାସନ୍ଦ

ଖପ୍ରାଖୋଲ, ୧୬।୩(ଡି.ଏନ.ଏ.)

ସରକାରୀ ଜମିରେ ଆବାସ ଯୋଜନାରେ ଘର କରି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଅନ୍ତର୍ଗତ ବାଗଝରନ୍ ଗାଁର ଜଣେ ବ୍ୟକ୍ତି ବାସନ୍ଦର ଶିକାର ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀ ତାଙ୍କ ପରିବାରକୁ ନିଆଁ, ପାଣି ବାସନ୍ଦ କରିଥିବା ସମ୍ପୃକ୍ତ ବ୍ୟକ୍ତି ଜଣକ ଖପ୍ରାଖୋଲ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ସମ୍ପୃକ୍ତ ପରିବାର ଦୀର୍ଘବର୍ଷ ହେଲା ବାଗଝରନ୍ ଗାଁରେ ରହୁଛନ୍ତି। ଭୂମିହୀନ ହୋଇଥିବାରୁ ଗାଁରେ ଥିବା ଆମ୍ବତୋଟା ନିକଟ ସରକାରୀ ଜମିରେ ପ୍ରଧାନମନ୍ତ୍ରୀ ଆବାସ ଗୃହ ତିଆରି କରିଛନ୍ତି। ହେଲେ ଗାଁର କେତେକ ବ୍ୟକ୍ତି ତାଙ୍କୁ ସେହି ଘରେ ରଖେଇ ଦେଉନାହାନ୍ତି। ଗାଁ ବିରୋଧରେ ଯାଉଥିବାରୁ ତାଙ୍କ ପରିବାରକୁ ନିଆଁ ପାଣି, ଦୋକାନ, ବଜାର ବାସନ୍ଦ କରାଯାଇଛି। ଏବେ ତାଙ୍କ ପରିବାର ଭୟରେ ରହିଛନ୍ତି। ଖପ୍ରାଖୋଲ ଥାନା ଅଧିକାରୀ ପଞ୍ଚାନନ ନେଗୀଙ୍କୁ ପଚାରିବାରୁ ଗ୍ରାମବାସୀ ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ମଧ୍ୟରେ ମତ ପାର୍ଥକ୍ୟ ରହିଛି। ହେଲେ ନିଆଁ ପାଣି ବାସନ୍ଦ କରାଯାଇ ନ ଥିବା ତଦନ୍ତରୁ ଜଣାପଡିଥିବା ସେ କହିଛନ୍ତି। ସେହିପରି ଖପ୍ରାଖୋଲ ତହସିଲଦାର ଧିରୋଜ କୁମାର ପାତ୍ରଙ୍କୁ ପଚାରିବାରୁ ସମ୍ପୃକ୍ତ ବ୍ୟକ୍ତି ଅଭିଯୋଗ ପରେ ବାଗଝରନ୍ ଗାଁକୁ ଯାଇ ସରଜମିନ ତଦନ୍ତ କଲା ପରେ ଅଭିଯୋଗର କୌଣସି ସତ୍ୟତା ନ ଥିବା ଜଣାପଡିଛି। ସେ ସରକାରୀ ଜମିରେ ଘର କରିଛନ୍ତି। ତାଙ୍କୁ ସରକାରଙ୍କ ବସୁନ୍ଧରା ଯୋଜନାରେ ୪ ଡିସମିଲ ଜମିଯୋଗାଇ ଦିଆଯିବ ବୋଲି କହିଛନ୍ତି।

**ପ୍ରଶାସନର ଖଣ୍ଡନ**

# ପର୍ଯ୍ୟଟନ ବିକାଶ ପାଇଁ ୧୦୦କୋଟି ଅନୁଦାନ ଦାବି

ବଲାଙ୍ଗୀର ଅଫିସ, ୧୬।୩

ବଲାଙ୍ଗୀର ଜିଲାରେ ପର୍ଯ୍ୟଟନ କ୍ଷେତ୍ର, କୋଶଳ କଳାମଣ୍ଡଳ ଓ ତୁଷରା ଏୟାରଷ୍ଟ୍ରିପ୍‌ର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପୂର୍ବତନ ଏମପି ତଥା ବିଜେଡି ନେତା କଳିକେଶ ନାରାୟଣ ସିଂଦେଓ ଚିଠି ଲେଖି ୧୦୦କୋଟି ଅନୁଦାନ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି । ଉକ୍ତ ଚିଠିରେ ସେ ଉଲ୍ଲେଖ କରିଛନ୍ତି ଯେ, ଗୋଟିଏ ସମୟରେ ବଲାଙ୍ଗୀର କଳା, ସଂସ୍କୃତିର କେନ୍ଦ୍ର ରୂପେ ବିବେଚିତ ହେଉଥିଲା । ମାତ୍ର ଭିତ୍ତିଭୂମିର ବିକାଶ ଓ ପ୍ରଚାର ପ୍ରସାର ଦିଗରେ ବଲାଙ୍ଗୀର ଅବହେଳାର ଶିକାର ହୋଇଛି । ବଲାଙ୍ଗୀରରେ ପର୍ଯ୍ୟଟନ ଓ ଅନ୍ୟ ଆନୁସଙ୍ଗିକ କ୍ଷେତ୍ରକୁ ବିକାଶ କରାଯାଇପାରିବ। ଜିଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହରିଶଙ୍କରଠାରୁ ବରଗଡ ଜିଲା ନୃସିଂହନାଥକୁ କେବଲ କାର୍ (ରୋପ-ୱେ) ସଂଯୋଗ ପାଇଁ ଗତ ୨୦୧୮ ମସିହାରେ ପଶ୍ଚିମ ଓଡିଶା ବିକାଶ ପରିଷଦରୁ ୨୦ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଥିଲା । ଏହି ପ୍ରସ୍ତାବକୁ ମଞ୍ଜୁର କରିବାକୁ କଳିକେଶ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଏହା ସହିତ ତୁଷୁରା ଏୟାରଷ୍ଟ୍ରିପକୁ ଉଡାନ୍ ଯୋଜନାରେ ସାମିଲ କରିବାକୁ ଅନୁରୋଧ କରିଛନ୍ତି। ରାଣୀପୁର-ଝରିଆଲର ଭିତ୍ତିଭୂମିର ବିକାଶ ସହ ସେଠାରେ ଲାଇଟ୍ ସାଉଣ୍ଡ ସେ ତଥା ଏକ ମ୍ୟୁଜିୟମ ପ୍ରତିଷ୍ଠା କରିବାକୁ ୧୦ କୋଟି ଅନୁଦାନ ଦେବାକୁ ସେ ଦାବି ଜଣାଇଛନ୍ତି । ବଲାଙ୍ଗୀର ସହର ମଧ୍ୟ ଭାଗରେ ମହାରାଜା ରାଜେନ୍ଦ୍ର ନାରାୟଣ ସିଂଦେଓ ୧୦ ଏକର ଜମିଦାନ କରି କୋସଳ କଳାମଣ୍ଡଳ ପଡିଆ ନିର୍ମାଣ କରି ଏଠାରେ କ୍ରୀଡା, ସାହିତ୍ୟ ଓ ସଂସ୍କୃତି ବିକାଶ ପାଇଁ ପଦକ୍ଷେପ ନେଇଥିଲେ । ଏହି କୋଶଳ କଳାମଣ୍ଡଳରେ ମଲଟିପର୍ପସ୍ ଅଡିଟୋରିୟମ ପାଇଁ ୧୫ କୋଟି ଓ ତୁଷୁରା ଏୟାରଷ୍ଟ୍ରିପର ବିକାଶ ପାଇଁ ୧୫କୋଟି ଅନୁଦାନ ଯୋଗାଇ ଦେବାକୁ କଳିକେଶ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିବା ଜଣାଇଛନ୍ତି । ଏହା ସହିତ ଅନ୍ୟାନ୍ୟ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୧୦କୋଟି ଦେଇ ବଲାଙ୍ଗୀରକୁ ଏକ ପର୍ଯ୍ୟଟନ ସର୍କିଟ କରିବାକୁ ସେ ଦାବି କରିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କଳିକେଶ**

## ହତ୍ୟା ଅଭିଯୁକ୍ତ ଗିରଫ

ଅତାବିରା, ୧୬।୩ (ଡି.ଏନ.ଏ)

ବରଗଡ ଜିଲା ଅତାବିରା ଥାନା ଅଧୀନ ଡଡଙ୍ଗାପାଲି ଗାଁର ଦେବାଂଶୁ ବରିହାଙ୍କ ହତ୍ୟା ଘଟଣାରେ ପୋଲିସ ସୁଶାନ୍ତ ଥେଟୁଆ(୨୨)ଙ୍କୁ ଗିରଫ କରିଛି। ଜେରାବେଳେ ସୁଶାନ୍ତ ନିଶାଶକ୍ତ ଅବସ୍ଥାରେ ଦେବାଂଶୁଙ୍କୁ ଠେଙ୍ଗାରେ ପିଟିଥିବା ପୋଲିସ ଆଗରେ ସ୍ୱୀକାର କରିଛନ୍ତି ବୋଲି ଆଇଆଇସି ପୁରୁଷୋତ୍ତମ ଭୋଇ କହିଛନ୍ତି।

ପୋଲିସ ସୂଚନା ଅନୁସାରେ, ନିଶା କାରବାରକୁ ନେଇ ଦେବାଂଶୁ ଓ ସୁଶାନ୍ତଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସୁଶାନ୍ତ ଦେବାଂଶୁଙ୍କୁ ଠେଙ୍ଗାରେ ପିଟିଥିଲେ। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ କମଗାଁ ଓ ପରେ ବରଗଡକୁ ଚିକିତ୍ସା ପାଇଁ ନେଇଥିଲେ। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ଦେବାଂଶୁଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ଗତ ୧୫ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଅତାବିରା ଥାନାରେ ମୃତକଙ୍କ ପିତା ଗୁହାଲୁ ବରିହା ହତ୍ୟା ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିଲା।

# ବଲାଙ୍ଗୀର ଜିଲାସ୍ତରୀୟ କୃଷି ମହୋତ୍ସବ


ଜିଲାସ୍ତରୀୟ କୃଷି ମହୋତ୍ସବ ପ୍ରଦର୍ଶନୀ ଷ୍ଟଲରେ ଜିଲା ମୁଖ୍ୟ କୃଷି ଅଧିକାରୀଙ୍କ ସହ ଅନ୍ୟ ଅଧିକାରୀ ଓ ଚାଷୀ ।

ବଲାଙ୍ଗୀର ଅଫିସ, ୧୬।୩

କୃଷି ଓଡିଶା ୨୦୨୧ ଉପଲକ୍ଷ୍ୟେ ବଲାଙ୍ଗୀର ଜିଲା କୃଷି ବିଭାଗ ପରିସରରେ ଜିଲାସ୍ତରୀୟ କୃଷି ମହୋତ୍ସବ ଆୟୋଜନ କରାଯାଇଛି। ଜିଲା ମୁଖ୍ୟ କୃଷି ଅଧିକାର ଅଶୋକ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଏକ କୃଷି ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୃଷି ଓଡିଶା ୨୦୨୧ ଭୁବନେଶ୍ୱର ଠାରେ ଆୟୋଜିତ କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇ ଜିଲାର ୧୦୦ ଜଣ ଚାଷୀଙ୍କୁ ପାଠଶାଳା କାର୍ଯ୍ୟକ୍ରମରେ ସାମିଲ କରାଯାଇଥିଲା ପାଠଶାଳାରେ ମଙ୍ଗଳବାର କୃଷକ ଉତ୍ପାଦକ ସଂଘ, ଫୁଲଚାଷ ଓ ମତ୍ସ୍ୟ ସମ୍ପଦର ନୂତନ ଜ୍ଞାନ କୌଶଳ ଉପରେ ସବିଶେଷ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମ ଜରିଆରେ ଚାଷୀମାନେ ଜାତୀୟ ଓ ରାଜ୍ୟସ୍ତରୀୟ କୃଷିବିଜ୍ଞାନୀ ଓ କୃଷି ଉଦ୍ୟୋଗୀଙ୍କ ସୁଚିନ୍ତିତ ମତାମତ ଜାଣିବାର ସୁଯୋଗ ପାଇଥିଲେ । ଏହି ଅବସରରେ କୃଷି ବିଭାଗ, ଇଫ୍‌କୋ, ମିଲେଟ୍ ମିଶନ, ଉଦ୍ୟାନ କୃଷି, କୃଷି ବିଜ୍ଞାନ କେନ୍ଦ୍ର, ମୃତ୍ତିକା ସଂରକ୍ଷଣ ଓ ଜଳାଛାୟା ବିଭାଗ, ପ୍ରାଣୀ ସମ୍ପଦ ଓ ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ୧୦ଟି ପ୍ରଦର୍ଶନୀ ଷ୍ଟଲ ଲଗାଯାଇଥିଲା । ଜିଲାର ୫ ଜଣ ଆଗୁଆ ଚାଷୀଙ୍କୁ ରାଜ୍ୟସ୍ତରରେ ପୁରସ୍କାର ପାଇଁ ମନୋନୀତ କରାଯାଇଥିବା ସୂଚନା ଦିଆଯାଇଛି। ମଙ୍ଗଳବାର ରାଜ୍ୟସ୍ତରରେ ଉଦ୍ୟାନ କୃଷିରେ ଆଗୁଆ ଚାଷୀ ଭାବେ ମନୋନୀତ ଲୋଇସିଂହା ବ୍ଲକ୍ ମାଗୁରବେଡା ଗ୍ରାମର ପ୍ରଦ୍ୟୁମ୍ନ ତେଜିଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମର କୃଷି ଅଧିକାରୀ ସୁଧାକର ନନ୍ଦ, ହରେକୃଷ୍ଣ ପଣ୍ଡା ଉପସ୍ଥିତ ଥିଲେ। ସୋମବାର ଜିଲାପାଳ ଚଞ୍ଚଳ ରାଣା ଜିଲାସ୍ତରୀୟ କୃଷି ମହୋତ୍ସବ ଓ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ ।

**ପାଠଶାଳା କାର୍ଯ୍ୟକ୍ରମରେ ଭାଗ ନେଲେ ଚାଷୀ**

# ନାଏକ କ୍ରିକେଟ ଦଳ ବିଜୟୀ


ବିଜୟୀ ଟିମ୍ ନାଏକ କ୍ରିକେଟ ଏକାଡେମୀର ଖେଳାଳି ଓ କୋଚ୍।

ବଲାଙ୍ଗୀର ଅଫିସ, ୧୬।୩

ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମରେ ଓସିଏ ଭିଜନ ୨୦୨୪ ସିନିୟର ଇନ୍ତ୍ରା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ ମଙ୍ଗଳବାର ୟଙ୍ଗ ଷ୍ଟୁଡେଣ୍ଟ କ୍ରିକେଟ ଦଳ ଓ ନାଏକ କ୍ରିକେଟ ଦଳ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ୟଙ୍ଗ ଷ୍ଟୁଡେଣ୍ଟ ଦଳ ପ୍ରଥମେ ବ୍ୟାଟିଂ କରି ୩୫ ଓଭରରେ ସମସ୍ତ ଉଇକେଟ ହରାଇ ୯୫ ରନ୍ କରିଥିଲା । ୟଙ୍ଗ ଷ୍ଟୁଡେଣ୍ଟ ଦଳ ତରଫରୁ ଆଶିଷ ଭୋଇ ୩୪ ରନ୍, ଶୁଭମ କୁମାର ୧୫, ଚରଞ୍ଜିତ ସାହାଣୀ ୧୨ ରନ୍ ସଂଗ୍ରହ କରିଥିଲେ । ନାଏକ କ୍ରିକେଟ ଦଳ ତରଫରୁ ସୁବାଶିଷ ମିର୍ଦ୍ଧା ସର୍ବାଧିକ ୫ଟି, ଅଂଶୁମାନ ମିଶ୍ର ଓ ସତ୍ୟଜିତ ସିଂଦେଓ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ନାଏକ କ୍ରିକେଟ ଏକାଡେମୀ ଦଳ ମାତ୍ର ୧୦.୩ ଓଭରରେ କୌଣସି ଉଇକେଟ ନ ହରାଇ ୯୬ ରନ୍ ସଂଗ୍ରହ କରି ୧୦ ଉଇକେଟରେ ବିଜୟୀ ହୋଇଥିଲା । ନାଏକ କ୍ରିକେଟ ଦଳ ତରଫରୁ ରାହୁଲ ସାହୁ (ଅପରାଜିତ) ୫୨ ରନ୍ ଓ କିଶାନ ନାୟକ (ଅପରାଜିତ) ୨୪ ରନ୍ ସଂଗ୍ରହ କରିଥିଲେ । ଏହି ମ୍ୟାଚକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପେୟାର ପୃଥ୍ୱୀରାଜ ମିଶ୍ର ଓ ମୁକେଶ ସ୍ୱାଇଁ ପରିଚାଳନା କରିଥିଲେ । ସ୍ୱାଗତ ଶୁଭଙ୍କର ଓ ଜଗତ ପ୍ରସାଦ ନାୟକ ସ୍କୋରର୍ ଦାୟିତ୍ୱ ତୁଲାଇଥିଲେ । ସୋମବାର ଟୁର୍ନାମେଣ୍ଟକୁ ଜିଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର କୁମାର ବଡ଼େଇ ମୁଖ୍ୟଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

**ସିନିୟର ଇନ୍ତ୍ରା କ୍ଲବ୍ କ୍ରିକେଟ୍ ଟୁର୍ନାମେଣ୍ଟ**

## ୟୁଜିବି କର୍ମଚାରୀ, ଅଫିସର ସଂଘର ଧାରଣା

ବଲାଙ୍ଗୀର ଅଫିସ, ୧୬।୩

କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ଘରୋଇକରଣ ତଥା କର୍ପୋରେଟ ପୋଷଣ ନୀତି ବିରୋଧରେ ଦୁଇଦିନ ଧରି ସାରା ଦେଶରେ ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବଲାଙ୍ଗୀର ଉତ୍କଳ ଗ୍ରାମୀଣ ବ୍ୟାଙ୍କ କର୍ମଚାରୀ ଓ ଅଫିସର ସଂଘ ପକ୍ଷରୁ ସୋମବାର ଓ ମଙ୍ଗଳବାର ବ୍ୟାଙ୍କ କାର୍ଯ୍ୟ ବନ୍ଦ କରାଯାଇ ବ୍ୟାଙ୍କ ମୁଖ୍ୟାଳୟ ସାମ୍ନାରେ ଧାରଣା ଦିଆଯାଇଥିଲା। ଅଲ୍ ଓଡିଶା ଗ୍ରାମ୍ୟ ବ୍ୟାଙ୍କ କର୍ମଚାରୀ ଫେଡେରେସନ ତଥା ୟୁଜିବି କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ପୁଲିନ ମିଶ୍ର, ଅଫିସର ସଂଘ ସାଧାରଣ ସମ୍ପାଦକ ଶିତିକଣ୍ଠ ମିଶ୍ର, ଅଶୁତୋଷ ମିଶ୍ର, ରିଟାରି ୱେଲଫେୟାର ଆସୋସିଏଶନ ସମ୍ପାଦକ ଯୁଗଳ କିଶୋର ପଟେଲ, ଅଧକ୍ଷ ଦ୍ୱାରିକାନାଥ ପଟେଲ ଉଦ୍‌ବୋଧନ ଦେଇଥିଲେ।

# ଚାଷୀ ପଞ୍ଜୀକରଣରେ ଅଡୁଆ

ବରଗଡ଼ ଅଫିସ୍,୧୬।୩

ବରଗଡ଼ ଜିଲାରେ ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏଥିରେ ଜମିପଟ୍ଟା, ଜମି ମାଲିକ, ଆଧାର କାର୍ଡ଼ ଆଦିକୁ ନେଇ ଆରମ୍ଭରୁ ଚାଷୀମାନଙ୍କୁ ଅଡୁଆ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ଫଳରେ ଚାଷୀମାନେ ପଞ୍ଜୀକରଣ କରି ପାରୁନାହାନ୍ତି। ଏଭଳି ଅଭିଯୋଗ ନେଇ ସୋମବାର ବରଗଡ଼ ଜିଲା ଗୋବିନ୍ଦପୁର, ଚକରକେନ୍ଦ, ଅତାବିରା, ବରଗଡ଼, କଳାପାଣି ଆଦି ଅଞ୍ଚଳର ଚାଷୀମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଚାଷୀ ପଞ୍ଜୀକରଣରେ ଉପୁଜିଥିବା ସମସ୍ୟାର ସମାଧାନ ପାଇଁ ସେମାନେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଚାଷୀ ସୁରେଶ ପଧାନ, ଗୋପାଳ ସାହୁ, ବିରେନ କର, ସୁରେଶ ନେକାଷ୍ଟି, ଲକ୍ଷ୍ମଣ ପ୍ରଧାନଙ୍କ ସମେତ ଅନେକ ଚାଷୀ ଜିଲାପାଳଙ୍କ ଅଫିସକୁ ଆସିଥିଲେ ।

# କ୍ରିକେଟ ଟୁର୍ନାମେଣ୍ଟ: ଖପ୍ରାଖୋଲ ଚାମ୍ପିୟନ

ଖପ୍ରାଖୋଲ, ୧୬।୩(ଡି.ଏନ.ଏ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ହାଇସ୍କୁଲ ଖେଳପଡିଆରେ ସିଆରପିଏଫ୍ ୧୮୯ ବାଟାଲିଅନ୍ ତରଫରୁ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ମ୍ୟାଚ୍ ଖପ୍ରାଖୋଲ ଏବଂ ବଡଗୁର୍ଜିଭଟା ମଧ୍ୟରେ ହୋଇଥିଲା। ବଡଗୁର୍ଜିଭଟା ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୧୦୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଖପ୍ରାଖୋଲ ଦଳ ୧୦୧ ରନ୍ କରି ବିଜୟୀ ହୋଇଥିଲା। ରମାକାନ୍ତ ଭୋଇ, ବୁଲୁ ସୁନା ଖେଳ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସିଆରପିଏଫ୍ ୧୮୯ ବାଟଲିଅନ୍ କମାଣ୍ଡାଣ୍ଟ ଯୋଗେନ୍ଦ୍ର ସିଂ ମୌର୍ଯ୍ୟା, ସମ୍ମାନିତ ଅତିଥି ବିଡିଓ ତରଣୀ ସୁନା, ଖପ୍ରାଖୋଲ ଥାନା ଅଧିକାରୀ ପଞ୍ଚାନନ ନେଗୀ ଉପସ୍ଥିତ ରହି ଚାମ୍ପିୟନ ଏବଂ ରନର୍ସ ଅପ୍ ଦଳକ ନଗଦ ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଲଖବିନ୍ଦର ସିଂ ପରିଚାଳନା କରିଥିଲେ ।



ପୁରସ୍କାର ବିତରଣ ଉତ୍ସବରେ ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସ ଅପ୍ ଦଳର ଖେଳାଳିମାନେ।

# ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

ନୂଆପଡା ଅଫିସ, ୧୬।୩

ନୂଆପଡା ଜିଲାର ବିଭିନ୍ନ ସମସ୍ୟା ନେଇ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୮ ଦଫା ସମ୍ବଳିତ ଦାବି ପ୍ରଦାନ କରାଯାଇଥିଲା। ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ଯଦୁମଣୀ ପାଣିଗ୍ରାହୀଙ୍କ ନେତୃତ୍ୱରେ ସୋମବାର ଜିଲାର ବିଭିନ୍ନ ସମସ୍ୟା ଉପରେ ଜିଲାର ପ୍ରତ୍ୟେକ ବ୍ଲକ ଚାଷୀ ଏକତ୍ରିତ ହୋଇ ଜିଲାପାଳ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦିନକୁ ଦିନ ସମସ୍ୟାଗୁଡିକ ଜଟିଳ ହେବାରେ ଲାଗିଥିବାରୁ ତାହାର ସମାଧାନ ଯଥାଶୀଘ୍ର କରାଯାଉ ବୋଲି ଦାବି କରିଥିଲେ। ରବି ଧାନ ଚାଷୀଙ୍କ ପଞ୍ଜୀକରଣ, ରବି ଧାନ ସଂଗ୍ରହରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ବାଦଦେବା, ଟୋକନ ବ୍ୟାବସ୍ଥାକୁ ବାଦ ଦେଇ ଖରିଫ ଧାନ ବିକ୍ରି କରି ପାରି ନ ଥିବା ଚାଷୀଙ୍କ ସମସ୍ୟା ସମାଧାନ କରି କ୍ଷତିପୂରଣ ଦେବା। ରବି ଧାନ ପ୍ରକରମେଣ୍ଟ କମିଟି ବୈଠକରେ ଉପଯୁକ୍ତ ଚଷୀ ଓ ଚଷୀ ସଙ୍ଗଠନ ଗୁଡିକୁ ପ୍ରତିନିଧିତ୍ୱ ଦେବା ନେଇ ଦାବିକରାଯାଇଛି । ସିଏସଓ, ଏଆରସିଏସ, ଡିଏସଡବ୍ଲ୍ୟୁ, ୱେସ୍କୋ ନିର୍ବାହୀ ଯନ୍ତ୍ରି ଓ ଜିଲାପାଳ ଉପସ୍ଥିତ ରହି ସବୁ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର ହେବ ବୋଲି ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ଜୟ କିଷାନ ମଜଦୁର ସଂଗ୍ରାମ ପରିଷଦ ଆବାହକ ପାଣିଗ୍ରାହୀଙ୍କ ସମେତ ଅଭିନ୍ନ ପୁରୋହିତ, ବସନ୍ତ ସିଂ ଠାକୁର, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଭକ୍ତରାମ ଧରୁଆ, ମହେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

- ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ
- ଦାବି ପୂରଣ ନ ହେଲେ ଆନ୍ଦୋଳନ ଜୋରଦାର

